

ପରପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପୂର୍ବତଟ ରେଲୱେ ଶ୍ରମିକ ୟୁନିଅନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ପୂର୍ବତଟ ରେଲୱେ ହେଡ୍‌କ୍ୱାର୍ଟର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା।
- କ୍ୟାରେଜ ରିପାୟର ୱାର୍କଶପ, ମଞ୍ଚେଶ୍ୱର, ଅପରାହ୍ନ ୫ଟା।
- ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ, କଲେଜ ପରିସର, ପଟିଆ, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଭଞ୍ଜଭାରତୀ ଅନୁଷ୍ଠାନ ପକ୍ଷରୁ ଲୀଳାମୟ ନୀଳାଦ୍ରୀଶ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ସଙ୍ଗୀତ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**
- ଗୋପୀନାଥ ଦେବଙ୍କ ବାର୍ଷିକ ଉତ୍ସବରେ ସୂର୍ଯ୍ୟପୂଜା ଓ ଗୋପୂଜା, ନହରକଣ୍ଟା ମନ୍ଦିର ପରିସର, ପୂର୍ବାହ୍ନ ୯ଟା।

## ଆରଟିଓ ଅଫିସ୍‌ରେ ଅଗ୍ନିକାଣ୍ଡ



**କଟକ ଅଫିସ୍, ୮।୭:** କଟକସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)ରେ ସୋମବାର ଅଗ୍ନିକାଣ୍ଡ ଘଟି କେତେକ ସୁଇଚ୍ ବୋର୍ଡ ଓ ତାର ପୋଡିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ଠିକ୍ ସମୟରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାରୁ ସେପରି କିଛି କ୍ଷୟକ୍ଷତି ହୋଇନାହିଁ। ତେବେ ସଟସର୍କଟ୍ ଯୋଗୁ ନିଆଁ ଲାଗିଥିବା କଟକ ଅଗ୍ନିଶମ ଏଫ୍‌ଓ ଅବନୀ ସ୍ୱାଇଁ କହିଛନ୍ତି। ମଧ୍ୟାହ୍ନ ୧୨ଟାରେ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ଏକ ସୁଇଚ୍ ବୋର୍ଡ ଭିତରୁ ଧୁଆଁ ବାହାରିଥିଲା। ଫଳରେ ଆରଟିଓରେ କାର୍ଯରତ ସମସ୍ତ କର୍ମଚାରୀ ବାହାରକୁ ପଳାଇ ଆସି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ।

### କିରୋସିନ କୋଟା: ଅଗଷ୍ଟରୁ କଟିବ ୨୩%

# ଫାଇଦା ଉଠାଇବେ କଳାବଜାରକାରୀ

**କଟକ ଅଫିସ, ୮।୭**

- କଟକରେ କିରୋସିନ ଲିଟର ୧୦୦ ଟଙ୍କା
- ୨୦୧୭ରୁ ଏନ୍‌ଫୋର୍ସମେଣ୍ଟ ବନ୍ଦ

କଟକରେ କିରୋସିନ ଲିଟର ୧୦୦ ଟଙ୍କା। ଚୋରାରେ ବିକ୍ରି କରୁଥିବା ତେଜରାତି ଦୋକାନୀମାନେ କିରୋସିନ ଦେବା ପାଇଁ ଆଗରୁ ଅଗ୍ରିମ ନେଉଛନ୍ତି। ତେଜରାତି ଦୋକାନକୁ ଏହି ତେଲ କେଉଁଠୁ ଆସୁଛି, ତାହାକୁ ନେଇ ଲୋକେ ମଧ୍ୟ ଅନ୍ଧାରରେ ଅଛନ୍ତି। କଟକ ସହର ଓ ଜିଲାର ଗ୍ରାମାଞ୍ଚଳରେ ଏଭଳି ଅବସ୍ଥା ଲାଗି ରହିଥିବା ବେଳେ ଏବେ ଅଗଷ୍ଟ ମାସ କୋଟାରୁ କେନ୍ଦ୍ର ସରକାର ୨୩% କିରୋସିନ କାଟିଥିବା ଜଣାପଡ଼ିଛି। ୨୩% କିରୋସିନ କଟାଯିବା ପରେ କଳାବଜାରକାରୀଙ୍କ ପାଇଁ ଆହୁରି ସୁବର୍ଣ୍ଣ ସୁଯୋଗ ଆଣିବ। ଏଣିକି କିରୋସିନ ଲିଟର ୧୫୦ ଟଙ୍କା ହେବ ବୋଲି ଲୋକେ ଆଶଙ୍କା କରିଛନ୍ତି।

ଖୋଲା ବଜାରରେ କିରୋସିନ ମୂଲ୍ୟ ଚଢ଼ା ରହିଥିବାବେଳେ ୨୦୧୭ରୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ଥରୁଟିଏ ମଧ୍ୟ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ କରାଯାଇନାହିଁ। ଏନ୍‌ଫୋର୍ସମେଣ୍ଟ ବନ୍ଦ ହେବା ପଛରେ ଜିଲା ଯୋଗାଣ ବିଭାଗର ଅଧିକାରୀମାନଙ୍କ ଯୁକ୍ତି ଅଜବ ରହିଛି। ଜିଲା ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ରଙ୍କ କହିବା ଅନୁଯାୟୀ, ଆଧାର ଲିଙ୍କ୍ ହେବା ପରେ ଆଉ କଳାବଜାରର ପ୍ରଶ୍ନ କେଉଁଠୁ ଆସିବ। ତେବେ ଖୋଲାବଜାରରେ ଯେଉଁ ୧୦୦ ଟଙ୍କା ଦରରେ କିରୋସିନ ବିକ୍ରି କରାଯାଉଛି, ତାହା କେଉଁଠୁ ଆସୁଛି ବୋଲି ପଚାରିବାରୁ ହୁଏତ କାର୍ଡଧାରୀମାନେ ବିକ୍ରି କରିଦେଉଥିବେ ବୋଲି ମିଶ୍ର କହିଛନ୍ତି। କିନ୍ତୁ ବାସ୍ତବ କଥା ସମ୍ପୂର୍ଣ୍ଣ ଅଲଗା। କିରୋସିନରୁ ମିଳୁଥିବା ଟଙ୍କାକୁ ତଳୁ ଉପର ପର୍ଯ୍ୟନ୍ତ ବାଣ୍ଟକୁଣ୍ଟ କରାଯାଉଛି। ରିଟେଲର ପଏଣ୍ଟକୁ କେବେ କିରୋସିନ ଆସୁଛି ତାହା କାର୍ଡଧାରୀମାନେ ଜାଣିପାରୁ ନାହାନ୍ତି। ଫଳରେ ବାହାରୁ କିରୋସିନ ଆସିଥିବା କଥା ଶୁଣି କାର୍ଡଧାରୀମାନେ ରିଟେଲରଙ୍କ ପାଖକୁ ଯିବା ପରେ ତେଲ ସରିଗଲାଣି ବୋଲି ଉତ୍ତର ମିଳୁଛି। କଟକ ସହରର ବସ୍ତିବାସିନ୍ଦାମାନେ ମହମବତି ଓ ଜଡ଼ାତେଲ ପ୍ରସ୍ତୁତ ଦୀପରେ ଜୀବନ ବିତାଉଥିବାବେଳେ କିରୋସିନ କେବଳ କଳାବଜାରକାରୀଙ୍କ ପାଇଁ ଆସିଥିବା ବସ୍ତିନେତା ବୃନ୍ଦାବନ ଦାସ ଆଜାଦ କହିଛନ୍ତି।

କଟକ ଜିଲାକୁ ପ୍ରତି ମାସରେ ୧୧ ଲକ୍ଷ ୩୩ହଜାର ୨୯୬ ଲିଟର କିରୋସିନ ଯୋଗାଣ ହେଉଛି। ଜିଲାର ୪ ଲକ୍ଷ ୭୨ହଜାର ୨୦୭ ପରିବାରର ୧୭ ଲକ୍ଷ ୮୩ହଜାର ୯୯ ଜଣ ଲୋକଙ୍କ ପାଇଁ ଏହି କିରୋସିନ ଯୋଗାଇ ଦିଆଯାଉଛି। ସରକାରୀ ନିୟମ ଅନୁଯାୟୀ କାର୍ଡ ପିଛା ୨ ଲିଟର ୪୦୦ ମିଲିଲିଟର କିରୋସିନ ଦେବାର ବ୍ୟବସ୍ଥା ରହିଛି। ମାତ୍ର ପ୍ରକୃତପକ୍ଷେ ଲୋକଙ୍କୁ କେଉଁଠି ୨ ଲିଟର ତ କେଉଁଠି ଦେଢ଼ ଲିଟର ଦେଇ ଦିଆଯାଉଛି। ଗୋଟେପଟେ ଲୋକଙ୍କ କୋଟାରୁ ରିଟେଲରମାନେ କାଟି ରଖୁଥିବାବେଳେ ଅନ୍ୟପଟେ ଲୋକଙ୍କୁ ଆଦୌ ନ ଜଣାଇ ସେମାନଙ୍କ କିରୋସିନକୁ କଳାବଜାରରେ ବିକ୍ରି କରୁଛନ୍ତି ବୋଲି ଅଭିଯୋଗ ହେଉଛି। କିଛିଦିନ ତଳେ ମାହାଙ୍ଗା ବ୍ଲକରେ କିରୋସିନ ବିକ୍ରିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଲୋକଙ୍କ ପାଇଁ ଆସିଥିବା ଗୋଟିଏ ମାସର କୋଟାକୁ ସିଧା ବିକ୍ରି କରାଯିବା ନେଇ ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ ନାୟକ ପ୍ରତିବାଦ କରିଥିଲେ। ଏହା ପରେ କିରୋସିନ କେଲେଙ୍କାରୀର ଖୋଲତାଡ଼ ହୋଇଥିଲା। ମାତ୍ର ଏହାର ଫଳ ଯୋଗାଣ ବିଭାଗ ଅଫିସ ଭିତରେ ସୀମିତ ରହିଥିଲା।

ଏବେ ଓଡ଼ିଶା ଅଗଷ୍ଟ ମାସରୁ ୨୩% କମ୍ କିରୋସିନ ପାଇବ। ଏପରିସ୍ଥଳେ କଟକରେ ୧୧ ଲକ୍ଷ ୩୩ହଜାର ୨୯୬ ଲିଟର ବଦଳରେ ପ୍ରାୟ ୮ ଲକ୍ଷ ଲିଟର କିରୋସିନ ମିଳିବ। ଏହାର ଭରପୂର ଫାଇଦା କଳାବଜାରକାରୀମାନେ ଉଠାଇବେ ବୋଲି ସାମାଜିକ କର୍ମୀ ପ୍ରଦୀପ ସାମଲ କହିଛନ୍ତି।

ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କୁହନ୍ତି, କିରୋସିନ କଳାବଜାର ହେଉଥିବା ନେଇ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଯେଉଁଠି ଯୋଗାଣ ସାମଗ୍ରୀ ବଣ୍ଟନରେ ବିଭ୍ରାଟ ଉପୁଜୁଛି, ସେଠାରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।




ବିଶ୍ୱକପ ସେମିଫାଇନାଲ ପୂର୍ବରୁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ସୋମବାର ପୁରୀ ବେଳାଭୂମିରେ ଆନ୍ତର୍ଜାତିକ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ବିଦ୍ୟୁତ୍ ଆଘାତରେ ବୃଦ୍ଧା ମୃତ

**ମାହାଙ୍ଗା/ଲଳିତଗିରି,୮।୭(ସ୍ୱ.ପ୍ର.):** ବିଦ୍ୟୁତ୍ ଆଘାତରେ ସୋମବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ଘିସୁଆଁ ଗ୍ରାମର ଅନ୍ନପୂର୍ଣ୍ଣା ସାହୁ(୬୦)। ଭୋର ସମୟରେ ଅନ୍ନପୂର୍ଣ୍ଣା ଫୁଲ ତୋଳିବାକୁ ଘର ନିକଟ ଫୁଲଗଛ ପାଖକୁ ଯାଇଥିଲେ। ଏହି ସମୟରେ ସେଠାରେ ଛିଡ଼ି ପଡ଼ିଥିବା ଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ମୋନାଲିସା



ଶେଖ୍ ଅବଦୁଲ



ଅମିୟ



ହିମାଂଶୁ



ତପନ



ପ୍ରଶାନ୍ତ



ଦୁଷ୍ମନ୍ତ



ରବୀନ୍ଦ୍ର

# ନାବାଳିକାଙ୍କୁ ତିନିଦିନ ଧରି ଗଣବଳାତ୍କାର

**ଗୋପ,୮।୭(ଡି.ଏନ୍.ଏ.)**

- ତଥ୍ୟ ଲୁଚାଇଲା ପୋଲିସ
- ଅଭିଯୁକ୍ତଙ୍କୁ ଧରିପାରୁନି
- କୋର୍ଟରେ ବୟାନ ଦେଲେ ପୀଡ଼ିତା

ଗୋପ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ତିନିଜଣ ଯୁବକ ଗୋଟିଏ ଘରେ ରଖି ଗଣବଳାତ୍କାର କରିଥିବା ଘଟଣା ଏବେ ପଦାକୁ ଆସିଛି। ପ୍ରାୟ ମାସେ ପରେ ଏହି ଘଟଣା ଜଣାପଡିବାରୁ ଗୋପ ପୋଲିସର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୁକ୍ତମାନେ ଜନୈକା ନାବାଳିକାଙ୍କୁ ତିନିଦିନ ପର୍ଯ୍ୟନ୍ତ ବଳାତ୍କାର କରିବା ପରେ ଛାଡିଦେଇଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ୩ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରି ନାହିଁ। ଅନ୍ୟପକ୍ଷେ ସୋମବାର ତଦନ୍ତକାରୀ ଅଧିକାରୀ ପୀଡ଼ିତାଙ୍କୁ ନିମାପଡ଼ା କୋର୍ଟରେ ହାଜର କରାଇ ବୟାନ ରେକର୍ଡଭୁକ୍ତ କରିଥିବା ଜଣାପଡ଼ିଛି। ଏପରି ଏକ ସମ୍ବେଦନଶୀଳ ଘଟଣାକୁ ପୋଲିସ ଗଣମାଧ୍ୟମକୁ ଲୁଚାଇ ରଖିବା ପଛରେ କି ରହସ୍ୟ ରହିଛି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି।

ପ୍ରକାଶ ଯେ, ଗତ ୧୬ ତାରିଖ ଦିନ ସନ୍ଧ୍ୟା ୭ଟାରେ ଏହି ଥାନା ତଥା ନୟାହାଟ ଫାଣ୍ଡି ଅଧୀନ ଏକ ଗାଁର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କଳାବୁଦା ସାମିଲି ଅଲଣା ଗ୍ରାମର ସାଗର ପାତ୍ର, ଦୁଃଶାସନ ଓ ଅନ୍ୟ ଜଣେ ବାଲିଦଣ୍ଡା ଗ୍ରାମର ଗିରିଧାରୀ ନାୟକ ଅପହରଣ କରିଥିଲେ। ପରେ ଫାଣ୍ଡି ଅଧୀନ ନୂଆମଠ ନିକଟ ଏକ ଘରେ ରଖି ୩ ଦିନ ଧରି ଗଣବଳାତ୍କାର କରିଥିଲେ। ୧୮ ତାରିଖ ରାତି ୧୦ଟାରେ ନାବାଳିକାଙ୍କୁ ଗୋଟିଏ ବାଇକ୍‌ରେ ଆଣି ତାଙ୍କ ଗାଁ ନିକଟ ଏକ ଛକରେ ଛାଡ଼ି ଫେରାର ହୋଇଯାଇଥିଲେ। ପୀଡ଼ିତା ଜଣଙ୍କ ବହୁ କଷ୍ଟରେ ଘରେ ପହଞ୍ଚି ଏ ସମ୍ପର୍କରେ ପରିବାର ସଦସ୍ୟଙ୍କୁ କହିବା ପରେ ତାଙ୍କ ଭାଇ ୨୭ତାରିଖ ପୂର୍ବାହ୍ନରେ ଥାନାରେ ଅଭିଯୋଗ ଦେଇଥିଲେ। ଆହୁରି ଅଭିଯୁକ୍ତମାନେ ବଳାତ୍କାର ସମୟର ମୋବାଇଲ୍‌ରେ ଫଟୋ ଉଠାଇ ଭାଇରାଲ କରିଦେବୁ ବୋଲି ଧମକ ମଧ୍ୟ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏହି ଅଭିଯୋଗକ୍ରମେ ପୋଲିସ ନଂ ୮୬/୧୯ରେ ମାମଲା ରୁଜୁ କରିଥିଲେ। ତେବେ ପୋଲିସ କେବଳ ମାମଲା ରୁଜୁ କରି ରହିଯାଇଥିବାବେଳେ ସୋମବାର ପୀଡ଼ିତାଙ୍କୁ ବୟାନ ରେକର୍ଡ ପାଇଁ କୋର୍ଟକୁ ନେବାବେଳେ ଘଟଣା ପଦାକୁ ଆସିଥିଲା। ଘଟଣାକୁ ମାସେ ବିତିଯାଇଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏପରି କି ଅଭିଯୁକ୍ତ ବ୍ୟବହାର କରିଥିବା ବାଇକ୍‌କୁ ମଧ୍ୟ ଜବତ କରିପାରିନାହିଁ। ଏ ସମ୍ପର୍କରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କୁହନ୍ତି, ଗଣବଳାତ୍କାର ଘଟଣା ଘଟିଛି। ଏହାର ତଦନ୍ତ ଚଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ଜେଟିପିଙ୍କୁ ସେବାୟତଙ୍କ ମାଡ଼, ନୀତି ବିଳମ୍ବ

**ପୁରୀ ଅଫିସ, ୮।୭**

- ୨୪ ଘଣ୍ଟା ସମୟ ଦେଲେ ଜେଟିପି
- ନ୍ୟାୟ ନ ମିଳିଲେ ଆନ୍ଦୋଳନ

ରଥଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ସବୁପ୍ରକାର ଉଦ୍ୟମ କରିଛି। ଏକାଧିକ ଥର ବିଭିନ୍ନ ସେବାୟତ ନିଯୋଗ ସହ ବୈଠକ କରିଥିବାବେଳେ ଆଚରଣ ଏବଂ ଉଚ୍ଚାରଣରେ ସଂଯମତା ରକ୍ଷା କରିବାକୁ ସେବାୟତଙ୍କୁ ପରାମର୍ଶ ଦେଇଛି। ସମସ୍ତେ ଏଥିରେ ସହମତି ପ୍ରକାଶ କରିବା ସହ ମହାପ୍ରଭୁଙ୍କ ଘୋଷଯାତ୍ରାରେ ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ହେବ ସେଥିପ୍ରତି ଧ୍ୟାନଦେବେ ବୋଲି କହିଥିଲେ। ହେଲେ କେତେଜଣ ସେବାୟତ ଠିକଣା ବେଳକୁ ସବୁ ଭୁଲିଯିବା ଭଳି ଘଟଣା ଘଟିଛି। ସୋମବାର ଗୁଣ୍ଡିଚା ମନ୍ଦିର ଗର୍ଭଗୃହରେ ଶ୍ରୀମନ୍ଦିର କର୍ମଚାରୀ ସଂଘ ସମ୍ପାଦକ ଜେଟିପି ସୁଦର୍ଶନ ସାହୁଙ୍କୁ ଜଣେ ସେବାୟତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଜେଟିପିମାନେ ମନ୍ଦିର ପରିସରରେ ଧାରଣା ଦେଇଥିଲେ। ପରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିଥିଲେ। ଠାକୁରଙ୍କ ନୀତି ବିଳମ୍ବ ହେଉଥିବାରୁ ଜେଟିପିମାନେ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗପତ୍ର ଦେଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ନ୍ୟାୟ ନ ମିଳିଲେ ସମସ୍ତ ଜେଟିପି ଆନ୍ଦୋଳନ କରିବେ ବୋଲି ଦର୍ଶାଇଛନ୍ତି। ଏଥିପାଇଁ ନୀତିରେ ପ୍ରାୟ ୧ ଘଣ୍ଟା ବିଳମ୍ବ ହୋଇଛି।

ସୂଚନା ମୁତାବକ, ସୋମବାର ଥିଲା ହେରାପଞ୍ଚମୀ। ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା ନେଇ ପ୍ରସ୍ତୁତି ଚାଲିଥିଲା। ସନ୍ଧ୍ୟା ଆଳତି ବଢ଼ିବା ଲାଗି ସୁଦର୍ଶନ ଲୋକଙ୍କୁ ଖାଲି କରୁଥିଲେ। ଏହି ସମୟରେ ଜଣେ ଦଇତାପତି ସେବକଙ୍କ ପରିବାର ସଦସ୍ୟ ଗର୍ଭଗୃହରେ ଦର୍ଶନ କରୁଥିଲେ। ସେମାନଙ୍କୁ ଖାଲି କରିବା ବେଳେ ଜଣେ ଦଇତାପତି ସେବକ ତାଙ୍କୁ ମାଡ଼ ମାରିଥିଲେ। ଏହି ଘଟଣା ପରେ ସବୁ ଜେଟିପି ଏକାଠି ହୋଇ ଧାରଣା ଦେଇଥିଲେ। ଏଥିପାଇଁ ସନ୍ଧ୍ୟା ଆଳତି ପରଠାରୁ ନୀତି ବନ୍ଦ ହୋଇଥିଲା। ରାତି ପ୍ରାୟ ସାଢେ ୧୧ଟାରେ ଧାରଣାରୁ ହଟିବା ପରେ ପୁଣି ନୀତି ସନ୍ଧ୍ୟା ଆଳତିଠାରୁ ଚାଲିଥିଲା।



ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଶ୍ରୀଜଗନ୍ନାଥ ଭକ୍ତିସଙ୍ଗୀତ ଉତ୍ସବ 'ଗୁହାରୀ' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଶ୍ରୀଜଗନ୍ନାଥଙ୍କ ଭକ୍ତିସଙ୍ଗୀତରେ ଶ୍ରୋତା ବିଭୋର

**ଭୁବନେଶ୍ୱର, ୮।୭(ବ୍ୟୁରୋ)**

ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ରବୀନ୍ଦ୍ର ମଣ୍ଡପରେ ଗୁରୁ କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶ୍ରୀଜଗନ୍ନାଥ ଭକ୍ତିସଙ୍ଗୀତ ଉତ୍ସବ 'ଗୁହାରୀ' ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ଏବଂ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳାକାନ୍ତ ମିଶ୍ର ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ ପାଲିତ୍, ବିଷ୍ଣୁମୋହନ କବି, ଗୀତା ଦାସ, ସତ୍ୟବ୍ରତ କାଠ, ଯଶସ୍ୱିନୀ ନାୟକ, ଦୁଃଖୀଶ୍ୟାମ ତ୍ରିପାଠୀ, ଶାନ୍ତିଲତା ବାରିକ(ଛୋଟରାୟ), ଡ. ମିତାଲି ଚିନାରା, ବିବେକ ରାଉତ, ଡ. ଝୁମକି ରଥ ପ୍ରମୁଖ ଭକ୍ତସଙ୍ଗୀତ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ବିଭୋର କରିଥିଲେ। ଏହି ଅବସରରେ ରମେଶଚନ୍ଦ୍ର ବେହେରା (ଅର୍ଗାନ), ସନ୍ଦୀପ ସାହୁ (ଅକ୍ଟୋପ୍ୟାଡ), ବିଶ୍ୱରଞ୍ଜନ ନନ୍ଦ (ତବଲା), ରବିନାରାୟଣ ବାରିକ (ଢୋଲକ), ପ୍ରୀତିରଞ୍ଜନ ସ୍ୱାଇଁ (ବଂଶୀ) ବାଦ୍ୟଯନ୍ତ୍ରରେ ଶିଳ୍ପୀଙ୍କୁ ସହଯୋଗ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଆକର୍ଷଣୀୟ ଐତିହ୍ୟସ୍ଥଳ ତାଲିକା

# କୋଣାର୍କ, ପୁରୀକୁ ସ୍ଥାନିତ ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଦାବି

**ଭୁବନେଶ୍ୱର, ୮।୭(ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ୧୭ଟି ଆକର୍ଷଣୀୟ ଐତିହ୍ୟସ୍ଥଳ ତାଲିକାରେ ଓଡ଼ିଶାର ପ୍ରସିଦ୍ଧ କୋଣାର୍କ ମନ୍ଦିର ଓ ଶ୍ରୀଜଗନ୍ନାଥ ଧାମ ପୁରୀକୁ ଅନ୍ତର୍ଭୁକ୍ତ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏହି ଦୁଇଟି ସ୍ଥାନକୁ କେନ୍ଦ୍ର ସରକାର ତୁରନ୍ତ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ମନ୍ତ୍ରୀ ଦାବି କରିଛନ୍ତି। ମନ୍ତ୍ରୀ ଏ ନେଇ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଏକ ପତ୍ର ଲେଖି କେନ୍ଦ୍ର ସରକାରଙ୍କୁ ଅନୁରୂପ ଦାବି ଜଣାଇବାକୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରର ଭାଜପା ସରକାର ତା'ର ନିର୍ବାଚନ ଇସ୍ତାହାରରେ ଜଗନ୍ନାଥଧାମ ପୁରୀକୁ ଭାରତର ଆଧାତ୍ମିକ ରାଜଧାନୀ ଭାବରେ ଉନ୍ନୀତ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ପୂରଣ ନ କରିବା ଉଚିତ୍ ହୋଇନାହିଁ।

OFFICE OF THE
DISTRICT MAGISTRATE & COLLECTOR, PURI
(Protocol Cell)
NOTICE INVITING REQUEST FOR PROPOSAL (RFP)
No. 17/Ptcl. Date: 09.07.2019
1. District Magistrate & Collector, Puri invites proposals from experienced and reputed Agencies for the following work as detailed in the table below:

| Name of the Project | Earnest Money Deposit | Document Purchase Fee | Period of Work |
|---|---|---|---|
| Selection of Agency for Providing professional services for operations & Manager of visitor facilitation centre (VFC) in Puri | Rs. 5,000/- | Rs. 500/- | 36 months |

2. Bid documents will be available at www.puri.nic.in from 10.07.2019 to 3PM of 29.07.2019.
3. A Pre-bid meeting shall be held on 17.07.2019 at 4.00PM in the Court Room of Collector, Puri.
4. Last date/time for receipt of Proposals is 29.07.2019 till 4.00PM.
5. The tender will be opened on 29.07.2019 at 5.00PM.
Sd./- District Magistrate & Collector, Puri



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା



ଭୁବନେଶ୍ୱର,୮-୭ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ସହାୟତା ରାଶି ପ୍ରଦାନ କରାଯାଇଛି। ପରିଷଦର ଉପାଧ୍ୟକ୍ଷ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଶୋକ କୁମାର ଦାସ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬୦,୬୦୦ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଫନୀ ପ୍ରଭାବିତଙ୍କ ପୁନର୍ବାସକୁ ଧ୍ୟାନରେ ରଖି ସହାୟତା ରାଶି ପ୍ରଦାନ ଲାଗି ପଦକ୍ଷେପ ନିଆଯାଇଥିବା ପରିଷଦ ପକ୍ଷରୁ ସୂଚନା ରହିଛି।

### ପୃଥକ୍ ଦୁର୍ଘଟଣା: ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୮।୭ (ଡି.ଏନ.ଏ.)- ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଆପୋଖରୀ ଛକ ନିକଟରେ ଶନିବାର ହୋଇଥିବା ପୃଥକ୍ ଦୁର୍ଘଟଣାରେ ଚିକିତ୍ସାଧୀନ ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ପିପିଲି ଥାନା ଅଧୀନ ଗୋବିନ୍ଦପୁର ସିଉଳା ଶାସନର ଦେବେନ୍ଦ୍ର ଦାଶ (୬୮)। ପୋଲିସ ସୂଚନା ମୁତାବକ, ଦେବେନ୍ଦ୍ର ଗାଁରୁ ସାଇକେଲ ଯୋଗେ ନିଜର ଟର୍ଚ୍ଚ ସଜାଡ଼ିବାକୁ ରାସ୍ତା କଡରେ ଠିଆ ହୋଇଥିଲେ। ଭୁବନେଶ୍ୱରରୁ ଦ୍ରୁତଗତିରେ ଆସୁଥିବା ଏକ କାର ଦେବେନ୍ଦ୍ରଙ୍କ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଦେବେନ୍ଦ୍ର ଗୁରୁତର ଅବସ୍ଥାରେ ରାସ୍ତାରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ତାଙ୍କ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ସମୟରେ ସମାନ ସ୍ଥାନରେ ଓଡ଼ି୦୨କେ୭୧୬୮ ଏକ ବାଇକ୍‌ରେ ବଳଙ୍ଗାରୁ ସନ୍ତୋଷ ସାମନ୍ତରାୟ ଯାଉଥିବାବେଳେ ବାଇକ୍ ଆଗକୁ କୁକୁର ପଶି ଆସିବାରୁ ସେ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଉତ୍ତରା ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା। ଦୁର୍ଘଟଣା ଘଟାଇ ପଳାଇ ଯାଇଥିବା କାରର ନମ୍ବର ପିପିଲି ଟୋଲ ଗେଟ୍ ସିସିଟିଭିରୁ ଯାଞ୍ଚ କରାଯାଇ ଜବତ କରାଯିବ ବୋଲି ଫାଣ୍ଡି ଅଧିକାରୀ ଅଶୋକ ଗୋଚ୍ଛାୟତ କହିଛନ୍ତି।

### ଜଳ, ପରିମଳ କର୍ମଚାରୀଙ୍କ ଧାରଣା

ଭୁବନେଶ୍ୱର, ୮।୭(ବ୍ୟୁରୋ): ଅଚାନକ ଛଟେଇ ପ୍ରତିବାଦରେ ରାଜ୍ୟ ଜଳ ଓ ପରିମଳ କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ସୋମବାରଠାରୁ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୫ରୁ ପ୍ରଥମେ କର୍ମଚାରୀମାନେ ଭାରତ ସରକାରଙ୍କ ଅଧୀନରେ ସମ୍ପୂର୍ଣ୍ଣ ପରିମଳ ଅଭିଯାନ ସ୍କିମରେ କାମ ଆରମ୍ଭ କରିଥିଲେ। ୨୦୧୨ରେ ଏହି ସ୍କିମ୍ ନିର୍ମଳ ଭାରତ ଏବଂ ଏବେ ସ୍ୱଚ୍ଛ ଭାରତ ଅଭିଯାନ ଭାବେ ନାମିତ ହୋଇଛି। ପ୍ରଥମେ କର୍ମଚାରୀମାନେ ଗ୍ରାମୀଣ ବିକାଶ ବିଭାଗରେ କାର୍ଯ୍ୟରତ ଥିବାବେଳେ ୨୦୧୮ରେ ସେମାନଙ୍କୁ ପଞ୍ଚାୟତିରାଜ ବିଭାଗ ଅଧିନରେ କାମ କରିବାକୁ ନିର୍ଦ୍ଦେଶ ମିଳିଥିଲା। ଗୋଟିଏ ବର୍ଷ ପରେ କାର୍ଯ୍ୟରତ ୭୪୪ ଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ତେବେ କେଉଁ ଆଧାରରେ ସେମାନଙ୍କୁ ଛଟେଇ କରାଗଲା ଓ ସେମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ କାହିଁକି ନିଯୁକ୍ତି ଦିଆଯାଉଛି ସେନେଇ କର୍ମଚାରୀ ସଂଘ ସରକାରଙ୍କୁ ପ୍ରଶ୍ନ କରିବା ସହ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ ଓ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପଠାଇଛି।

■ ସୁଇମିଂପୁଲରୁ ଛାତ୍ରଙ୍କ ମୃତଦେହ ଜବତ ଘଟଣା

# ନ୍ୟାୟ ଦାବିରେ ଥାନା ଆଗରେ ସମ୍ପର୍କୀୟଙ୍କ ଧାରଣା

ଭୁବନେଶ୍ୱର, ୮।୭(ବ୍ୟୁରୋ)

କ୍ୟାପିଟାଲ ଥାନା ଅଧୀନ ଭୁବନେଶ୍ୱର କ୍ଲବ୍ ସୁଇମିଂପୁଲରୁ ଗତ ମେ ୨୭ ତାରିଖ ସକାଳେ ଡୁମୁଡୁମାର ସନ୍ଦୀପ ସାହୁ(୧୮) ନାମକ ଛାତ୍ରଙ୍କ ମୃତଦେହ ଜବତ କରାଯାଇଥିଲା। ସନ୍ଦୀପ ପହଁରା ଶିଖିବାକୁ ଆସିଥିବାବେଳେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏ ନେଇ କେସ୍ ନଂ-୨୧୭/୧୯ ରୁଜୁ କରିଥିଲା। ଅନ୍ୟପକ୍ଷେ ସନ୍ଦୀପଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ମାତ୍ର ପୋଲିସ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଅଭିଯୁକ୍ତମାନେ କୋର୍ଟରୁ ଆଗୁଆ ଜାମିନ ପାଇବାରେ ସଫଳ ହୋଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ସନ୍ଦୀପଙ୍କ ମା’ ସୁମିତ୍ରା ସାହୁ ଓ ସମ୍ପର୍କୀୟମାନେ ନ୍ୟାୟ ଦାବିରେ ସୋମବାର ସକାଳେ କ୍ୟାପିଟାଲ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ପ୍ଲା-କାର୍ଡ ଧରି ପୋଲିସର ବିଫଳତା ବିରୋଧରେ ନାନା ସ୍ଲୋଗାନ ଦେଇଥିଲେ। ତାଙ୍କ ପୁଅକୁ ମାରି ଦିଆଯାଇଥିବାରୁ ପୋଲିସ ହତ୍ୟା ଦଫା ଲଗାଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଏବଂ ଜୋନ୍ ଏସିପି ଆସି ସେମାନଙ୍କୁ ବୁଝାଶୁଝା କରିଥିଲେ।




ଥାନା ଆଗରେ ସନ୍ଦିପଙ୍କ ମା’ ଏବଂ ସମ୍ପର୍କୀୟ ଧାରଣାରେ ବସିଛନ୍ତି ।

ସୁମିତ୍ରାଙ୍କ ଅଭିଯୋଗ ଅନୁଯାୟୀ, ସନ୍ଦୀପ ପହଁରା ଶିଖିବା ପାଇଁ ଇଚ୍ଛା ପ୍ରକାଶ କରିବାରୁ ସେ ଭୁବନେଶ୍ୱର କ୍ଲବ୍ ସୁଇମିଂପୁଲ କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିଲେ। ମେ ୨୬ରେ ସନ୍ଦୀପଙ୍କୁ ଭଉଣୀ ଶିବାନୀ ଆଣି ଆଡିମିଶନ୍ ପାଇଁ କଥାବାର୍ତ୍ତା କରିଥିଲେ। ସେହିଦିନ ସନ୍ଦୀପ ସୁଇମିଂପୁଲରେ ପହଁରିଥିଲେ। ଆଡମିଶନ୍ ବାବଦକୁ ୨ହଜାର ୪ଶହ ଏବଂ ଅନ୍ୟାନ୍ୟ ବାବଦକୁ ୩ହଜାର ୬ଶହ ଟଙ୍କା ପଇଠ କରିଥିଲେ। ମାତ୍ର ଦାୟିତ୍ୱରେ ଥିବା କର୍ମଚାରୀ ତାଙ୍କ ନାମକୁ ପଞ୍ଜୀକୃତ କରି ନ ଥିଲେ। ମେ ୨୭ରେ ସନ୍ଦୀପ ଏକା ସେଠାରେ ପହଞ୍ଚି ପହଁରିଥିଲେ। ହେଲେ ପହଁରା ଶିଖାଉଥିବା ଟ୍ରେନର ତାଙ୍କୁ ଦେଖି ନ ଥିଲେ। ଫଳରେ ସୁଇମିଂପୁଲର ଗଭୀର ପାଣିକୁ ଖସିଯିବାରୁ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ଘଟଣାଦିନ ପୁଅକୁ ଫୋନ୍ କରିଥିଲେ ମଧ୍ୟ ଲାଗି ନ ଥିଲା। ସେ ଟ୍ରେନରଙ୍କୁ ଫୋନ୍ କରିବାରୁ ସନ୍ଦୀପ ଆସି ନ ଥିବା ପ୍ରଥମେ କହିଥିଲେ। ପରେ ଫୋନ୍ କରିବାରୁ ତୁମ ପୁଅ ବାଟରେ ଅଚେତ ହୋଇ ପଡ଼ିଯାଇଥିବା କହି କ୍ୟାପିଟାଲ ହସ୍ପିଟାଲକୁ ଆସିବାକୁ ଜଣାଇଥିଲେ। ସୁମିତ୍ରା ହସ୍ପିଟାଲରେ ପହଞ୍ଚି ତାଙ୍କ ପୁଅର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ସନ୍ଦୀପଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସୁମିତ୍ରା ଅଭିଯୋଗ ଆଣିଛନ୍ତି। ଏ ନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଆମେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛୁ। ଦାୟିତ୍ୱରେ ଅବହେଳା କରିଥିବା ସମ୍ପୃକ୍ତ କର୍ମଚାରୀଙ୍କୁ ଗିରଫ ପାଇଁ ପୋଲିସ ଚଢାଉ କରିଥିଲେ ମଧ୍ୟ ସେ ଆଗୁଆ କୋର୍ଟରୁ ଜାମିନ୍ ପାଇସାରିଥିଲେ। ଫଳରେ ସେମାନଙ୍କୁ ଗିରଫ କରାଯାଇପାରିଲା ନାହିଁ। ଏତେ ଦିନ ଧରି ପରିବାର ଲୋକେ କେଉଁଠି ଥିଲେ?

# ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଜବରଦଖଲ ଉଚ୍ଛେଦ



ପୋଖରୀପୁଟଠାରେ ଜବରଦଖଲ ଉଚ୍ଛେଦ କରାଯାଉଛି ।

ଭୁବନେଶ୍ୱର, ୮।୭(ବ୍ୟୁରୋ)

ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ପୋଖରୀପୁଟସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ନିକଟରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏବଂ କମିଶନରେଟ ପୋଲିସ୍‌ର ମିଳିତ ସ୍କ୍ୱାଡ୍ ପକ୍ଷରୁ ସୋମବାର ସକାଳ ୧୧ଟାରୁ ଏହି ଉଚ୍ଛେଦ ଆରମ୍ଭ ହୋଇ ଅପରାହ୍ଣ ଯାଏଁ ଚାଲିଥିଲା। ସାଧାରଣ ପ୍ରଶାସନ ବିଭାଗ(ଜିଏଡି)ର ଚିଠି ସଂଖ୍ୟା-୩୩୨୩୯ ଅନୁସାରେ ଏହି ଉଚ୍ଛେଦ କରାଯାଇଛି। ଉଚ୍ଛେଦ ହୋଇଥିବା ଘରଟି ୪ଟି ବେଡରୁମ୍ ବିଶିଷ୍ଟ ହୋଇଥିବାବେଳେ ୧୫ଶହ ସ୍କୋୟାର ଫୁଟର ବୋଲି ବିଡିଏ ଅଧିକାରୀ କହିଛନ୍ତି। ଏହି ସ୍ଥାନ ଡିଏଭି ସ୍କୁଲକୁ ଦିଆଯାଇଥିବାବେଳେ ନିଖିଳ ଉତ୍କଳ ହୋମିଓପାଥିକ ଡିସ୍ପେନ୍ସରି ଆସୋସିଏସନର ସମ୍ପାଦକ ରଘୁନାଥ ଜେନା ଏଥିରେ ଅବୈଧ ଭାବେ ଘର କରି ରହିଥିଲେ। ଏନେଇ ପୂର୍ବରୁ ଉଚ୍ଛେଦ ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର ସେ ହାଇକୋର୍ଟରେ ସ୍ଥଗିତାଦେଶ ଜାରି କରି ଉଚ୍ଛେଦ ପ୍ରକ୍ରିୟାକୁ ଅଟକାଇ ରଖିଥିଲେ। ହାଇକୋର୍ଟଙ୍କ ସ୍ଥଗିତାଦେଶ ଉଠିବା ପରେ ଏହି ଉଚ୍ଛେଦ କରାଯାଇଛି। ଏହି ଅବସରରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ୨- ପ୍ରମୋଦ କୁମାର ପାତ୍ରୋ, ଯୋଗସୂତ୍ର ଅଧିକାରୀ ସୁଧାଂଶୁ ଶେଖର ମହାନ୍ତି, ଜିଏଡିର ଅତିରିକ୍ତ ଭୂମି ଅଧିକାରୀ ଭବାନୀ ପ୍ରସାଦ ମିଶ୍ର, ଜିଏଡିର ରେଭିନ୍ୟୁ ସୁପରଭାଇଜର ଅମିୟ କୁମାର ଦାସ, ଏସିପି ଅମରେଶ ପଣ୍ଡା, ଏୟାରପୋର୍ଟ ଥାନା ଇନସ୍ପେକ୍ଟର ଉମାକାନ୍ତ ପ୍ରଧାନଙ୍କ ସମେତ ଗୋଟିଏ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଏବଂ ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ୧, ୩, ୪ ଏବଂ ଦକ୍ଷିଣ ଜୋନ ସ୍କ୍ୱାଡ୍ ଉପସ୍ଥିତ ଥିଲେ।



ଲୋୟର ପିଏମଜିଠାରେ ସୋମବାର ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ମୌସୁମୀ ସ୍ୱାଗତ ଉତ୍ସବରେ ଛାତ୍ରୀଛାତ୍ରମାନେ ଗ୍ରୀନ ସାଲ୍ୟୁଟ କରୁଛନ୍ତି।

### ମହିଳା କୃଷକ ସଚେତନତା କର୍ମଶାଳା

ବାଲିପାଟଣା,୮।୭(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଓ ସାର ଓ ବିଭାଗ ଏବଂ ଦରବାର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ସୋଧୁଅଠାରେ ସୋମବାର ମହିଳା କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଙ୍ଗଠନ ଉଦ୍ୟମାର ସମ୍ପାଦକ ପ୍ରଦୀପ ମହାପାତ୍ର କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଚାଷୀ କ୍ଷେତ୍ରରେ ନିୟୋଜିତ ହୋଇ ବହୁମୁଖ୍ୟ ଚାଷକୁ ଗୁରୁତ୍ୱ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟାସନାଲ ଫର୍ଟିଲାଇଜର ଜେନେରାଲ ମ୍ୟାନେଜର ଅନିଲ୍ ମାଟସରା, ନିର୍ଦ୍ଦେଶକ ଭି.ଏନ ଦତ୍ତ, ରାଷ୍ଟ୍ରୀୟ ଫର୍ଟିଲାଇଜର ଓ କେମିକାଲ ନିର୍ଦ୍ଦେଶକ କେ.ଇ.ଉ ଠାଙ୍କାଚେନ, ରାଜ୍ୟ କୃଷି ଯୁଗ୍ମ ନିର୍ଦ୍ଦେଶକ ତ୍ରିନାଥ ପାଣିଗ୍ରାହୀ, ଦରବାର ସାହିତ୍ୟ ସଂସଦ ସମ୍ପାଦକ କେଦାରେଶ୍ୱର ଚୌଧୁରୀ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀଙ୍କୁ କୃଷି ଉପକରଣ ବଣ୍ଟନ କରାଯାଇଥିଲା। ନ୍ୟାସନାଲ ଫର୍ଟିଲାଇଜର ସଂଯୋଜକ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଧରାପଡ଼ିଲେ ଫେରାର ପ୍ରେମୀଯୁଗଳ, ପ୍ରେମିକ ଗିରଫ

ବାରଙ୍ଗ,୮।୭(ଡି.ଏନ୍.ଏ)

ନନ୍ଦନକାନନ ଥାନା ପୋଲିସ ଗତ ୨୦ତାରିଖଠାରୁ ଫେରାର ଥିବା ଏକ ପ୍ରେମୀଯୁଗଳଙ୍କୁ ରବିବାର ବିଶାଖାପାଟଣାରୁ ଧରିଛି। ଧରାପଡିବା ପରେ ପ୍ରେମିକଙ୍କୁ ପୋଲିସ ଗିରଫ କରିଥିବାବେଳେ ନାବାଳିକା ପ୍ରେମିକାଙ୍କୁ ପରିବାରକୁ ହସ୍ତାନ୍ତର କରିଛି। ଗିରଫ ଜଣକ ହେଲେ ଖୋର୍ଦ୍ଧା ଅଞ୍ଚଳର ବିଜୟ ବାରିକ।

ବିଜୟ ଏହି ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ପଢୁଥିବାବେଳେ ସେହି କଲେଜର ଜଣେ ନାବାଳିକା ଛାତ୍ରୀଙ୍କୁ ଭଲପାଉଥିଲେ। ଗତ ୨୦ ତାରିଖରେ ଝିଅଟି କଲେଜରୁ ନ ଫେରିବାରୁ ପରିବାର ଲୋକ ବହୁ ଖୋଜାଖୋଜି ପରେ ଅପହରଣ ସନ୍ଦେହରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ ୫୯/୧୯ରେ ଏକ ମାମଲା ରୁଜୁକରି ଅନୁସନ୍ଧାନ କରିବାପରେ ପ୍ରେମୀଯୁଗଳ ଏକାଠି ରହୁଥିବାର ଜାଣିବାକୁ ପାଇଥିଲା। ସେମାନଙ୍କ ମୋବାଇଲକୁ ପୋଲିସ ଟ୍ରାକ କରୁଥିବାର ଜାଣିବାକୁ ପାଇବା ପରେ ସେମାନେ ଜାଗା ବଦଳାଇବାରେ ଲାଗିଥିଲେ । କୌଣସି ସୂତ୍ରରୁ ଖବରପାଇ ସେମାନେ ବିଶାଖାପାଟଣାରେ ରହୁଥିବା ଜାଣି ନନ୍ଦନକାନନ ଥାନାଧିକାରୀ ପରମାନନ୍ଦ ନାୟକ ରବିବାର ସେଠାରୁ ଉଭୟଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ସୋମବାର ସେମାନଙ୍କ ଡାକ୍ତରୀମାଇନା କରି ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ବିଜୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

■ ରାଜଧାନୀରେ ଦୁର୍ବୃତ୍ତଙ୍କ ଆତଙ୍କ

# ଘରେ ପଶି ବାପ-ପୁଅଙ୍କୁ ଆକ୍ରମଣ

ଭୁବନେଶ୍ୱର, ୮।୭(ବ୍ୟୁରୋ):

■ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
■ ପୋଲିସ ପକ୍ଷରୁ ତଦନ୍ତ ଜାରି

ରାଜଧାନୀରେ ଦୁର୍ବୃତ୍ତଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ରବିବାର ବିଳମ୍ବିତ ରାତିରେ ଇନଫୋସିଟି ଥାନା ଅଧୀନ କଳାରାହାଙ୍ଗ ମହାନ୍ତି ଗାଡ଼ିଆ ଅଞ୍ଚଳର ଏକ ଘରେ ପଶି ବାପ, ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଦୁର୍ବୃତ୍ତମାନେ ବାପ, ପୁଅଙ୍କ ମୁଣ୍ଡ, କାନ, ପିଠି, ହାତକୁ ଭୁଜାଲିରେ ୨୦ରୁ ଊର୍ଦ୍ଧ୍ୱ ଚୋଟ ପକାଇଛନ୍ତି। ଏଥିସହ ଘରର ମହିଳାଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ଦୁର୍ବୃତ୍ତମାନଙ୍କୁ ବିରୋଧ କରିବାକୁ ଯାଇ ପରିବାରଲୋକଙ୍କୁ ଏହି ଦଶା ଭୋଗିବାକୁ ପଡ଼ିଛି। ତେବେ ଦୁର୍ବୃତ୍ତମାନେ ଲୁଟପାଟ କରି ନ ପାରି ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇପାରିନାହିଁ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରବିବାର ରାତି ପ୍ରାୟ ୨ଟା ବେଳେ ଟ୍ରେଡ ୟୁନିୟନ ନେତା ଯତିକାନ୍ତ ବେହେରାଙ୍କ ଘର କବାଟ ଭାଙ୍ଗି ୮ଜଣ ଦୁର୍ବୃତ୍ତ ଘରେ ପଶିଥିଲେ। ତଳ ଘରେ ଯତିକାନ୍ତ ଏବଂ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଶୋଇଥିବା ବେଳେ ପାଟିରେ କନା ଗୁଡ଼ାଇ ଦୁର୍ବୃତ୍ତମାନେ ତାଙ୍କୁ ବାନ୍ଧି ପକାଇଥିଲେ। ତାଙ୍କୁ ଧମକ ଚମକ ଦେଇ ଆଲମିରା ଚାବି ମାଗିଥିଲେ। ଯତିକାନ୍ତ ଏହାର ପ୍ରତିବାଦ କରିଥିଲେ। ଜ୍ୟୋତ୍ସ୍ନାରାଣୀଙ୍କ ପାଟିରୁ କପଡ଼ା ଖସିଯିବାରୁ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଉପରେ ଶୋଇଥିବା ପୁଅ ଶିବାଶିଷ ତଳକୁ ଦଉଡ଼ି ଆସି ଦୁର୍ବୃତ୍ତଙ୍କ ସହ ଲଢ଼ିବା ଆରମ୍ଭ କରିଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ୩ଟି ଭୁଜାଲିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ କଲୋନୀ ଲୋକ ଉଠିଯିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ବାପ ପୁଅଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଜମିବାଡ଼ିକୁ ନେଇ ପୂର୍ବରୁ ଶତ୍ରୁତା ରହିଥିବା ବେଳେ ସୁପାରି ଲଗାଇ ଦୁହିଙ୍କୁ ଆକ୍ରମଣ କରାଯାଇଛି କିମ୍ବା ଦୁର୍ବୃତ୍ତମାନେ ଡକାୟତି କରିବା ଉଦ୍ୟମରେ ବିଫଳ ହେବାରୁ ଏପରି କାଣ୍ଡ ଭିଆଇଛନ୍ତି ସେନେଇ ତଦନ୍ତ ଜାରି ରହିଛି ବୋଲି ଇନଫୋସିଟି ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି।

# ମାରଣାସ୍ତ୍ର ସହ ୩ ଗୁଳି ଜବତ: ୩ ଗିରଫ

ଭୁବନେଶ୍ୱର, ୮।୭(ବ୍ୟୁରୋ)- ରାଜଧାନୀରେ ବେଆଇନ ନିଶା କାରବାର ଚଳାଇବା ସହ ପାଖରେ ମାରଣାସ୍ତ୍ର ରଖିଥିବା ୩ଜଣ ଅଭିଯୁକ୍ତଙ୍କୁ କ୍ୟୁଏଟି ଏବଂ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ପିସ୍ତଲ , ୩ଟି ଗୁଳି, ୨ଟି ବାଇକ ଏବଂ ୨ ମୋବାଇଲ ଫୋନ ଜବତ କରିଛି। ସେମାନେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ରୋମାନ ମାଲିଆ ଓରଫ ସୁଜିତ ପଣ୍ଡା, ସ୍ୱରାଜ ବେହେରା ଓରଫ ହାପି ଓ ବିଶ୍ୱଜିତ ବେହେରା ଓରଫ ବବଲୁ। ସୂଚନା ମୁତାବକ ବେଆଇନ ବ୍ରାଉନସୁଗାର ନିଶା କାରବାର ଚଳାଉଥିବା ଗ୍ୟାଙ୍ଗ ଉପରେ କ୍ୟୁଏଟି ନଜର ରଖିଥିଲା। ଏହି ୩ ଅଭିଯୁକ୍ତ ପାଖରେ ପିସ୍ତଲ ଓ ମାରଣାସ୍ତ୍ର ରଖିବା ସହ ରାଜଧାନୀରେ ବିଭିନ୍ନ ଅଞ୍ଚଳରେ ନିଶା କାରବାରରେ ସଂପୃକ୍ତ ରହିବା ନେଇ କ୍ୟୁଏଟିକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଶନିବାର ବିଳମ୍ବିତ ରାତିରେ କ୍ୟୁଏଟି ଏବଂ କ୍ୟାପିଟାଲ ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ଜାଲ ବିଛାଇଥିଲେ। ଶିଶୁ ଭବନ ଛକ ନିକଟରେ ୨ଟି ବାଇକରେ ୪ ଜଣ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇ ଏକ ବସ୍ତିରେ ପଶିଯାଇଥିଲେ। କ୍ୟୁଏଟି ଏବଂ ପୋଲିସ ପିଛା କରି ବସ୍ତି ଭିତରେ ତିନି ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତଙ୍କୁ ପଚରା ଉଚରା ପରେ ସୋମବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇଦିଆଯାଇଛି।

# ନିର୍‌ତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

କଣ୍ଟାପଡ଼ା,୮।୭(ଡି.ଏନ୍.ଏ.)

ଓଲଟପୁରସ୍ଥିତ ନିର୍‌ତାର (ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ କେନ୍ଦ୍ର) ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କୁ ଆକ୍ରମଣ ଘଟଣାରେ ସୋମବାର ଓଲଟପୁର ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧର ବେହେରାଶ ନିର୍‌ତାର କ୍ୟାଣ୍ଟିନ ଠିକା କର୍ମଚାରୀ ବ୍ରହ୍ମାନନ୍ଦ ଭୋଇ, କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋର ବସିର ଖାନ୍, କଟକ ଲାଲବାଗ ଥାନା ଚାନ୍ଦିନଚୌକ ଅଞ୍ଚଳର ସୟଦ ସଦାମଓ ଚୌଦ୍ୱାର ଥାନା ଅନ୍ତର୍ଗତ ନଖରା ଗ୍ରାମର ସୁଶାନ୍ତ ମଲିକ। ଏମାନଙ୍କଠାରୁ ୨ଟି ବାଇକ୍, ୬ଟି ମୋବାଇଲ ଫୋନ, ଗୋଟିଏ ବନ୍ଧୁକ ଓ ୬୦୦୦ଟଙ୍କା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୩ତାରିଖ ଅପରାହ୍ଣ ୫ଟା ୩୦ରେ ନିର୍ଦ୍ଦେଶକ ଦାସ ଅଫିସରୁ ଅନୁଷ୍ଠାନ କାର(ଓଡି ୦୨ ଏଜେ ୫୨୫୬)ରେ କଟକ ଫେରୁଥିଲେ। କୁଅଁରପୁର-ଦାମୋଦରପୁର ମଝି ରାସ୍ତାରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ କାରକୁ ଢେଲାମାଡ଼ କରିଥିଲେ। କାର ପଛ କାଚ ଭାଙ୍ଗିଯିବାରୁ ଦୁର୍ବୃତ୍ତମାନେ ବନ୍ଧୁକରେ ଦାସଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର କାର ଡ୍ରାଇଭର ଗାଡ଼ିକୁ ଦ୍ରୁତଗତିରେ ନେଇ ପଳାଇବାରୁ ଦୁର୍ବୃତ୍ତମାନେ ବନ୍ଧୁକକୁ ନିର୍ଦ୍ଦେଶକଙ୍କ ଉପରକୁ ଫୋପାଡିଥିଲେ। ବନ୍ଧୁକ ତାଙ୍କ ଦେହରେ ନ ବାଜି କାର ପଛ ପଟେ ପଡିଯାଇଥିଲା। ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଡା. ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୭/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧରଙ୍କ ଉପରେ ପୋଲିସ ସନ୍ଦେହ କରି ଗତ ଶନିବାର ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ଏହା ପରେ ଲକ୍ଷ୍ମୀଧର ସବୁ କଥା ପୋଲିସ ଆଗରେ କହିଥିଲେ।

■ ଖୋର୍ଦ୍ଧା ଅଞ୍ଚଳରେ ପଥର ଚୋରା ଚାଲାଣ

# ଅଭିଯୁକ୍ତ ନିତୁ ମାନସିଂ ଗିରଫ

ଭୁବନେଶ୍ୱର,୮।୭(ବ୍ୟୁରୋ):

ଖୋର୍ଦ୍ଧାରେ ଖଣି ମାଫିଆଙ୍କ ରାଜୁତି ଚାଲିଛି। ସେଠାକାର ପଥର ଖାଦାନଗୁଡ଼ିକ ଉପରେ ସେମାନଙ୍କ ଲୋଲୁପ ନଜର ପଡ଼ିଛି। ରାତାରାତି କୋଟି କୋଟି ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ସେମାନେ ଖଣିରୁ ପଥର ଖୋଳି ଚୋରା ଚାଲାଣ କରୁଛନ୍ତି। ଏ କଥା ସ୍ଥାନୀୟ ପ୍ରଶାସନ ଓ ପୋଲିସ ଜାଣିଥିଲେ ବି ଚୁପ୍ ରହୁଛନ୍ତି। ଅଞ୍ଚଳବାସୀ ମଧ୍ୟ ମୁହଁ ଖୋଲୁନାହାନ୍ତି। କାରଣ ଖଣି ମାଫିଆମାନଙ୍କ ପଛରେ ବଡ ବଡ ଗ୍ୟାଙ୍ଗଷ୍ଟର ଓ ନେତାଙ୍କ ହାତ ରହିଛି। କେହି ବିରୋଧ କଲେ ଡରାଇ ଧମକାଇ ତାଙ୍କ ମୁହଁକୁ ବନ୍ଦ କରିଦିଆଯାଉଛି। ପ୍ରଶାସନ ଓ ମାଫିଆମାନଙ୍କ ମଧୁଚନ୍ଦ୍ରିକାରେ ଏଭଳି କାରବାର ଚାଲୁଥିବା ଅଭିଯୋଗ ହେଉଛି। ତେବେ ଏହି ଖଣିମାଫିଆଙ୍କୁ ସାବାଡ଼ କରିବା ପାଇଁ ଏବେ ଏସ୍‌ଟିଏଫ୍ ଅଣ୍ଟା ଭିଡ଼ିଛି। ସୋମବାର ଏସ୍‌ଟିଏଫ୍ ଖୋର୍ଦ୍ଧା ବୋଲଗଡ଼ରୁ ବହୁ ଅପରାଧିକ ମାମଲାର ଅଭିଯୁକ୍ତ ନିତୁ ମାନସିଂଙ୍କୁ ଗିରଫ କରିଛି। ତାଙ୍କ ଘର ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ। ତାଙ୍କୁ ଏସ୍‌ଟିଏଫ୍ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯିବା ପରେ ଖୋର୍ଦ୍ଧା ସଦର ଥାନାକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଖୋର୍ଦ୍ଧା ଥାନାରେ ଏକ ମାମଲା ରୁଜୁହୋଇଥିବାବେଳେ ନିତୁଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କ ନାମରେ ଗୁଳିମାଡ଼, ବୋମାମାଡ଼ ଭଳି ସଙ୍ଗିନ ଅଭିଯୋଗ ରହିଛି। ତାଙ୍କ ଭାଇ ଜିତୁ ମାନସିଂଙ୍କ ନାମରେ ଅଭିଯୋଗ ଥିଲେ ମଧ୍ୟ ସେ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ୩ଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଖଣିରେ ସେମାନେ ଶ୍ରମିକଙ୍କ କାର୍ଯ୍ୟ ତଦାରଖ କରୁଥିଲେ। ସେମାନଙ୍କୁ ପଚରାଉଚରା ଓ ତଦନ୍ତ ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି ଏସ୍‌ଟିଏଫ୍। ଖୋର୍ଦ୍ଧା ଅଞ୍ଚଳରେ ଥିବା ଅନେକ ପଥର ଖଣିକୁ ଏକାଧିକ ଗ୍ୟାଙ୍ଗଷ୍ଟର ନିଜ କବ୍‌ଜାରେ ରଖିଛନ୍ତି। ସେମାନଙ୍କ ପଛରେ ଜଣେ ଲେଡି ଗ୍ୟାଙ୍ଗଷ୍ଟରଙ୍କ ହାତ ରହିଛି। ତାଙ୍କ ଇସାରାରେ ପଥର ଚୋରା ଚାଲାଣ କରାଯାଉଛି। ତାଙ୍କୁ ସ୍ଥାନୀୟ ନେତାଙ୍କ ସମର୍ଥନ ମିଳୁଥିବା କୁହାଯାଉଛି। ଏହି ଲେଡି ଗ୍ୟାଙ୍ଗଷ୍ଟର ଜଣକ କିଏ ଏବଂ କେଉଁମାନେ ତାଙ୍କ ସହ ସମ୍ପୃକ୍ତ ସେନେଇ ଏସ୍‌ଟିଏଫ୍ ତଦନ୍ତ ଚଳାଇଛି। ଏଥିସହ ଖଣିମାଫିଆମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଛି। ଗିରଫ ହୋଇଥିବା ନିତୁ ସେହି ଲେଡି ଡନ୍‌ଙ୍କ ଇସାରାରେ କାମ କରୁଥିଲେ ବୋଲି ଜଣାପଡ଼ିଛି। ନିତୁ ଶ୍ରମିକମାନଙ୍କ ଦ୍ୱାରା ରାତିରେ ଖାଦାନରେ ବିସ୍ଫୋରଣ ଘଟାଇବା ପରେ ଜେସିବି ଓ ଟ୍ରକ ଦ୍ୱାରା ପଥର ଚାଲାଣ କରୁଥିଲେ। ଏଥିରୁ ଯେଉଁ ମୋଟା ଅଙ୍କର ଅର୍ଥ ଆସିଥାଏ ସେଥିରୁ ଲେଡି ଡନ୍‌ଙ୍କର କେବଳ ୫୦ ପ୍ରତିଶତ ଏବଂ ଅନ୍ୟମାନଙ୍କର ୫୦ ପ୍ରତିଶତ ଭାଗ ରହେ। ସମ୍ପୃକ୍ତ ଲେଡି ଡନ୍ ତଥା ମାଷ୍ଟରମାଇଣ୍ଡ ଏବଂ ତାଙ୍କ ସହଯୋଗୀମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଜୋରଦାର ଉଦ୍ୟମ ଚଳାଇଥିବା ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର୍ କହିଛନ୍ତି। ତେବେ ଏହି ଲେଡି ଡନ୍‌ଙ୍କ ନିକଟରେ ଏସ୍‌ଟିଏଫ୍ ପହଞ୍ଚି ପାରୁଛି ନା ରାଜନୈତିକ ଚାପରେ ଚେପା ହୋଇ ତଦନ୍ତକୁ ଅଧାରୁ ବନ୍ଦ କରିଦେଉଛି ତାହା ଦେଖିବାକୁ ବାକି ରହିଲା।



ଗିରଫ ନିତୁ ମାନସିଂ ।

■ ଭାଇ ଜିତୁ ମାନସିଂ ଫେରାର
■ ଲେଡି ଗ୍ୟାଙ୍ଗ୍‌ଷ୍ଟରଙ୍କ ଇସାରାରେ ହେଉଛି ପଥର ଚାଲାଣ



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ହେରା ପଞ୍ଚମୀରେ ଅଙ୍ଗାଳୀ ଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ଆଠଗଡ,୮।୭(ସ୍ୱ.ପ୍ର.):** ହେରା ପଞ୍ଚମୀ ଅବସରରେ ଆଠଗଡ଼ର ଆରାଧ ଦେବତା ଶ୍ରୀଶ୍ରୀ ଅଙ୍ଗାଳୀ ଜଗନ୍ନାଥଙ୍କ ମାଉସୀ ମା' ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପରେ ଲକ୍ଷ୍ମୀ ବଜାର କମିଟି ପକ୍ଷରୁ ଶଙ୍କୁଡ ଭୋଗ ଲାଗି ହୋଇ ସାଧାରଣରେ ବଣ୍ଟନ ହୋଇଥିଲା। ରାତିରେ ମହାଲକ୍ଷ୍ମୀ ବିମାନରେ ଆସି ଅଙ୍ଗାଳୀ ଦେବଙ୍କ ଦର୍ଶନ ସାରି କ୍ରୋଧରେ ରଥ ଭାଙ୍ଗି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ସାଲେପୁର,୮।୭(ଡି.ଏନ.ଏ.):** ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ ଭୀମଦାସପୁର ପଞ୍ଚାୟତ ଭୋରା ଗ୍ରାମରୁ ସୋମବାର ଜପକୁଦ ଫାଣ୍ଡି ପୋଲିସ ୧୦୦ ବୋତଲ ଦେଶୀମଦ ଜବତ କରିଛି। ଏଥିସହିତ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁଶାନ୍ତ ସାମଲ(କାଳିଆ)। ଗ୍ରାମରେ କାଳିଆ ବେଆଇନଭାବେ ମଦ ବିକ୍ରି କରୁଥିଲେ। ଏ ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜପକୁଦ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ତାଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ କାଳିଆ ଚୋରାମଦ ନିଜ ଗୁହାଳରେ ଲୁଚାଇ ରଖିଥିଲେ। ସେଠାରୁ ମଦ ଜବତ କରାଯାଇଥିଲା। ଏ ନେଇ ଏକ ମାମଲା ନଂ-୧୬୫/୧୯ ରୁଜୁ କରାଯାଇ ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ କବାଟ କହିଛନ୍ତି।

### ଭତ୍ତା, ହ୍ୱିଲ ଚେୟାର ବଣ୍ଟନ

**ବାଙ୍କୀ,୮।୭(ବି.ପ୍ର):** ବାଙ୍କୀ ବ୍ଲକ ପକ୍ଷରୁ ବରପୁଟ ପଞ୍ଚାୟତର ପଶାଣିଆ ଗ୍ରାମଠାରେ ସୋମବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ ଯୋଗଦେଇ ୨୫ଜଣଙ୍କୁ ନୂତନ ଭତ୍ତା ଏବଂ ୪ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ବଣ୍ଟନ କରିଥିଲେ। ପଞ୍ଚାୟତର ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ୍ ରାଉତ, ଗ୍ରାମପଞ୍ଚାୟତ ଅଧିକାରୀ କୁମର ପ୍ରଧାନ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାସରଥୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାଜିକକର୍ମୀ ଜୟପ୍ରକାଶ ମିଶ୍ର ଓ ସଦାଶିବ ଦାସ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

### ଧାଡ଼ିରୁଆ ଧାନ ବିହନ ବଣ୍ଟନ

**ବାଙ୍କୀ,୮।୭(ବି.ପ୍ର.):** ବାଙ୍କୀ କୃଷି ସୂଚନା କେନ୍ଦ୍ର ପରିଚାଳନାରେ ସୋମବାର ଏହି ବ୍ଲକ ଅଧୀନ କଦଳୀବାଡି ପଞ୍ଚାୟତରେ ଧାଡିରୁଆ ଧାନ ବିହନ ବଣ୍ଟନ କରାଯାଇଛି। ଏଥିସହିତ ଖରିଫ ଋତୁରେ ବିହନ ବିଶୋଧନ ସମ୍ପର୍କରେ ଜନଜାଗରଣ ସୃଷ୍ଟି କରାଯାଇଛି। ସରପଞ୍ଚ ପ୍ରକାଶ ବେଉରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଉପସ୍ଥିତ କୃଷକଙ୍କୁ ବୁଝାଇଥିଲେ। ପୂର୍ବ ଭାରତରେ ଦ୍ୱିତୀୟ ସବୁଜ ବିପ୍ଳବ ଯୋଜନା ସହାୟତାରେ ୧୦୦ହେକ୍ଟର ଧାଡିରୁଆ ଧାନ ଚାଷ ପାଇଁ ବିହନ ବଣ୍ଟନ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ସ୍ମୃତିଝରା ସାହୁ ଯୋଗଦେଇଥିଲେ।

# ନିର୍‌ତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

**କଣ୍ଟାପଡ଼ା,୮।୭(ଡି.ଏନ୍.ଏ.)**



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

- ୨ ବାଇକ୍, ୬ ମୋବାଇଲ ଫୋନ ଓ ବନ୍ଧୁକ ଜବତ
- ଗତ ୩ ତାରିଖରେ ହୋଇଥିଲା ଆକ୍ରମଣ

ଓଲଟପୁରସ୍ଥିତ ନିର୍‌ତାର (ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ କେନ୍ଦ୍ର) ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କୁ ଆକ୍ରମଣ ଘଟଣାରେ ସୋମବାର ଓଲଟପୁର ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧର ବେହେରା(୫୬), ନିର୍‌ତାର କ୍ୟାଣ୍ଟିନ ଠିକା କର୍ମଚାରୀ ବ୍ରହ୍ମାନନ୍ଦ ଭୋଇ, କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋର ବସିର ଖାନ୍(୩୨), କଟକ ଲାଲବାଗ ଥାନା ଚାନ୍ଦିନଚୌକ ଅଞ୍ଚଳର ସୟଦ ସଦ୍ଦାମ(୨୮) ଓ ଚୌଦ୍ୱାର ଥାନା ଅନ୍ତର୍ଗତ ନଖରା ଗ୍ରାମର ସୁଶାନ୍ତ ମଲିକ(୩୫)। ପୋଲିସ ଏମାନଙ୍କଠାରୁ ୨ଟି ବାଇକ୍, ୬ଟି ମୋବାଇଲ ଫୋନ, ଗୋଟିଏ ବନ୍ଧୁକ ଓ ୬୦୦୦ଟଙ୍କା ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୩ତାରିଖ ଅପରାହ୍ନ ପ୍ରାୟ ୫ଟା ୩୦ରେ ନିର୍ଦ୍ଦେଶକ ଦାସ ଅଫିସ କାମ ସାରି ଅନୁଷ୍ଠାନ କାର(ଓଡି ୦୨ ଏଜେ ୫୨୫୬)ରେ କଟକ ଫେରୁଥିଲେ। କୁଆଁରପୁର-ଦାମୋଦରପୁର ମଝି ରାସ୍ତାରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ କାରକୁ ପିଛା କରିବା ସହ ଗାଡି ପଛକୁ ଢେଲାମାଡ଼ କରିଥିଲେ। ଢେଲାମାଡ଼ରେ କାର ପଛ କାଚ ଭାଙ୍ଗିଯିବାରୁ ଦୁର୍ବୃତ୍ତମାନେ ଏକ ବନ୍ଧୁକରେ ଡା. ଦାସଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର କାର ଡ୍ରାଇଭର ଗାଡ଼ିକୁ ଦ୍ରୁତଗତିରେ ନେଇ ପଳାଇବାରୁ ଦୁର୍ବୃତ୍ତମାନେ ବନ୍ଧୁକକୁ ନିର୍ଦ୍ଦେଶକଙ୍କ ଉପରକୁ ଫୋପାଡିଥିଲେ। ବନ୍ଧୁକ ତାଙ୍କ ଦେହରେ ନ ବାଜି କାର ପଛ ପଟେ ପଡିଯାଇଥିଲା। ଏହା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଡା. ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୭/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧରଙ୍କ ଉପରେ ପୋଲିସ ସନ୍ଦେହ କରି ଗତ ଶନିବାର ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ଏହା ପରେ ଲକ୍ଷ୍ମୀଧର ସବୁ କଥା ପୋଲିସ ଆଗରେ କହିଥିଲେ। କେତେଜଣ ପିଲାଙ୍କୁ ଚାକିରିରେ ରଖାଇ ଦେବା ପାଇଁ ନିର୍ଦ୍ଦେଶକ ଦାସଙ୍କୁ ବିଭିନ୍ନ ସମୟରେ ଲକ୍ଷ୍ମୀଧର କହୁଥିଲେ। ମାତ୍ର ଡା. ଦାସ ଏଥିରେ ଅରାଜି ହୋଇଥିଲେ। ଶେଷରେ ଲକ୍ଷ୍ମୀଧର କ୍ୟାଣ୍ଟିନରେ ଠିକା କାମ କରୁଥିବା ବ୍ରହ୍ମାନନ୍ଦଙ୍କ ସହଯୋଗରେ ସୟଦ, ସୁଶାନ୍ତ ଓ ବସିରଙ୍କୁ ୩୫,୦୦୦ଟଙ୍କା ସୁପାରୀ ଦେଇ ନିର୍ଦ୍ଦେଶକଙ୍କୁ ଏଭଳି ଉପାୟରେ ଧମକ ଦେବାପାଇଁ ଯୋଜନା କରି ସଫଳ ହୋଇଥିଲେ ବୋଲି ଲକ୍ଷ୍ମୀଧର ପୋଲିସ ନିକଟରେ କହିଛି। ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା।

■ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପ୍ରସଙ୍ଗ

# ୧୧ରେ ବାର ଘଣ୍ଟିଆ ବଡ଼ମ୍ବା ବନ୍ଦ

**ବଡ଼ମ୍ବା,୮।୭(ଡି.ଏନ.ଏ.)**

**୫୭ ଦିନରେ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ**

ବଡ଼ମ୍ବାରେ ସବ୍‌ଜଜ୍‌କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ ଓ ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ଆଦି ଦାବି ନେଇ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ସୋମବାର ୫୭ଦିନରେ ପହଞ୍ଚିଛି। ଏହା ମଧ୍ୟରେ ବିଭିନ୍ନ ଦିନରେ ପିକେଟିଂ ଓ କୋର୍ଟର ତାଲା ଝୁଲିବା କାର୍ଯ୍ୟକ୍ରମ କରାଯାଇଥିବାବେଳେ ସଂଘ ପକ୍ଷରୁ ସୋମବାର ଏକ ସର୍ବଦଳୀୟ ବୈଠକ କରାଯାଇଛି। ବୈଠକରେ ବିଭିନ୍ନ ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କ ସମେତ ବଡ଼ମ୍ବାର ଶତାଧିକ ଜନସାଧାରଣ ଯୋଗଦେଇ ଆନ୍ଦୋଳନର ରୂପରେଖ ଉପରେ ଆଲୋଚନା କରିବା ସହିତ ବଡ଼ମ୍ବା ବନ୍ଦ ଉପରେ ମତାମତ ପ୍ରଦାନ କରିଥିଲେ। ବୈଠକ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୧ରେ ୧୨ଘଟିଆ ବଡ଼ମ୍ବା ବନ୍ଦ କରାଯିବ।

ବଡ଼ମ୍ବା ଗାନ୍ଧିଛକସ୍ଥିତ ଟେନିସ୍ ପଡ଼ିଆରେ ଥିବା ବୈକୁଣ୍ଠ ସ୍ମୃତି ସଦନଠାରେ ଅନୁଷ୍ଠିତ ବୈଠକରେ ଓକିଲ ସଂଘ ସଭାପତି କୈଳାସଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ବିଭୁଦତ ପଟ୍ଟନାୟକ, ସୂର୍ଯ୍ୟକିଶୋର ମହାନ୍ତି, ଦୀପକ ସାହୁ, ପ୍ରଦୀପ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ରଘୁପତି ମହାନ୍ତି, ସର୍ବେଶ୍ୱର ସ୍ୱାଇଁ, ପରମାନନ୍ଦ ସେଠୀ, ସଦାନନ୍ଦ ସ୍ୱାଇଁ, ଦାମୋଦର ରଣା, ବୃନ୍ଦାବନ ପରିଡା, ଅକ୍ଷୟ କରଣ, ଚିନ୍ମୟ ପଟ୍ଟନାୟକ ଓ ଦେବରାଜ ପାଟ୍ଟଶାଣୀଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ। ବୈଠକରେ ବଡ଼ମ୍ବା ଉପକାରାଗାରକୁ ବନ୍ଦ କରାଯିବା ପ୍ରସ୍ତାବ ରହିଥିବା ଖବରକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଉକ୍ତ ପ୍ରସ୍ତାବକୁ ତୁରନ୍ତ ଉଚ୍ଛେଦ ପାଇଁ ଦାବି ହୋଇଥିଲା। ବଡ଼ମ୍ବା ବନ୍ଦବେଳେ ଏହି ଦାବିକୁ ସ୍ଥାନିତ କରିବା ପାଇଁ ସମ୍ମତି ପ୍ରଦାନ କରାଯାଇଥିଲା। ବୈଠକରେ ୨୧ଜଣିଆ ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ଏମ୍ପି ଭର୍ତ୍ତୃହରି ମହତାବ୍, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଓ ବିଧାୟକ ସମୀର ରାଉତରାୟଙ୍କୁ ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ ମନୋନୀତ କରାଯାଇଛି। ବନ୍ଦ ସମୟରେ ଜରୁରୀ ସେବାକୁ ବାଦ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।



ଓକିଲ ସଂଘ ପକ୍ଷରୁ ଆୟୋଜିତ ସର୍ବ ଦଳୀୟ ବୈଠକରେ ଯୋଗଦେଇଥିବା ସଦସ୍ୟ।

■ ଆଠଗଡ଼ରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

# ୧୨୦ ଅଭିଯୋଗ, ୨୦ର ତତ୍କାଳ ସମାଧାନ

**ଆଠଗଡ,୮।୭(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ୍ ପରିସରରେ ସୋମବାର କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୦ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରୁ ୧୧୫ ବ୍ୟକ୍ତିଗତ ଓ ୫ ସାମୂହିକ ଅଭିଯୋଗ ଥିଲା। ଶିବିରରେ ୨୦ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟକ୍ତିଗତ ମାମଲା ମଧ୍ୟରୁ ଚିକିତ୍ସା ସହାୟତା ପାଇଁ ରାଧାଦାମୋଦରପୁରର ରଶ୍ମି ପରିଡ଼ା, ନୂଆବନ୍ଧ ଗ୍ରାମର ଅଖିଳ ଭକ୍ତା, ତଇଲାମାଳ ଗ୍ରାମର ବେଣୁଧର ପ୍ରଧାନ ଓ ଏନଏସି ଅନ୍ତର୍ଗତ କନ୍ଟୋଲର ଅକ୍ଷୟ ସାହୁଙ୍କୁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଛି। ଜଣେ ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ ଓ ୨ ଜଣଙ୍କୁ ବିଧବା ଭତ୍ତା ତତ୍କାଳ ପ୍ରଦାନ କରାଯାଇଛି। ଜିଲାପାଳ ଭବାନୀ ଶଙ୍କର ଚଇନି, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଆଠଗଡ ଉପଜିଲାପାଳ ଅମୀୟ ସାହୁ, ବିଡିଓ ଅଜାମ୍ବର ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ ପ୍ରଧାନ, ଗଗନ ବିହାରୀ ଷଡ଼ଙ୍ଗୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଜନଶୁଣାଣି ପରେ ଜଣେ ଦିବ୍ୟାଙ୍ଗଙ୍କୁ ଜିଲାପାଳ ହ୍ୱିଲ୍ ଚେୟାର ପ୍ରଦାନ କରୁଛନ୍ତି।

## ବଧୂହତ୍ୟା ଅଭିଯୋଗ ଶ୍ୱଶୁର, ଦିଅର, ଯା' ଅଟକ

**ବଡ଼ମ୍ବା,୮।୭(ଡି.ଏନ.ଏ.)**

ବଡ଼ମ୍ବା ଥାନା ଅନ୍ତର୍ଗତ ବିଶ୍ୱମ୍ଭରପୁର ଗ୍ରାମରେ ସୋମବାର ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ସେମାନେ ହେଲେ ମୃତ ମହିଳାଙ୍କ ଶ୍ୱଶୁର ଗିରିଧାରୀ ବେହେରା, ଦିଅର ମିଥୁନ୍ ବେହେରା ଓ ଯା' ଲିଲି ବେହେରା। ଏ ନେଇ ଏକ ମାମଲା ନଂ-୧୩୩/୧୯ ରୁଜୁ ହୋଇଛି। ସୂଚନା ଅନୁସାରେ, ଗ୍ରାମର ଗିରିଧାରୀଙ୍କ ପୁଅ ଜନାର୍ଦ୍ଦନ ପ୍ରାୟ ୮ ବର୍ଷ ତଳେ ନରସିଂହପୁର ଥାନା ଅନ୍ତର୍ଗତ ଫୁଲପଡା ଗ୍ରାମର ରମେଶ ବେହେରାଙ୍କ କନ୍ୟା ଝିଲିଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଝିଲିଙ୍କ ସହ ବିଭିନ୍ନ ସମୟରେ ଝଗଡ଼ା କରୁଥିଲେ। ସୋମବାର ଝିଲିଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିବା ଶାଶୁଘର ଲୋକେ ତାଙ୍କ ବାପାଙ୍କୁ ଜଣାଇଥିଲେ। ଏହାପରେ ତାଙ୍କ ବାପା ଆସି ଶାଶୁଘର ଲୋକେ ଝିଅକୁ ମାରି ଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

■ କେନିଆ ଏମ୍‌ପିଙ୍କ ଆର୍ଥିକ ସହାୟତା ରାଶି ପ୍ରସଙ୍ଗ

# କଲେଜ ଅଧ୍ୟକ୍ଷଙ୍କୁ ଭେଟିଲେ ପୁରାତନ ଛାତ୍ର ସଂଘ ସଦସ୍ୟ

**ସାଲେପୁର,୮।୭(ଡି.ଏନ.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ପାଇଁ କେନିଆ ଏମ୍‌ପି ସ୍ୱରୂପ ମିଶ୍ର ଗତ ବର୍ଷ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଚେକ୍ ବାବଦ ଅର୍ଥରାଶି ମହାବିଦ୍ୟାଳୟର କେଉଁଥିରେ ଖର୍ଚ୍ଚ କରାଯାଇଛି ସେ ସମ୍ପର୍କରେ ସୋମବାର ମହାବିଦ୍ୟାଳୟ ପୁରାତନ ଛାତ୍ରସଂଘର ଏକ ପ୍ରତିନିଧିମଣ୍ଡଳୀ ଅଧ୍ୟକ୍ଷ ପ୍ରଫେସର ସରୋଜ ମହାନ୍ତିଙ୍କୁ ଭେଟି ଆଲୋଚନା କରିଛନ୍ତି। ଏ ନେଇ ଅଧ୍ୟକ୍ଷ ମହାନ୍ତି ଲିଖିତ ଭାବେ ସଂଘ ସଦସ୍ୟଙ୍କୁ ଜଣାଇଛନ୍ତି ଯେ, ୨୦୧୮ ଜାନୁୟାରୀ ୧୨ ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ କେନିଆ ଏମ୍‌ପି ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଉତ୍ସବରେ ସେ କଲେଜର ଉନ୍ନୟନମୂଳକ କାର୍ଯ୍ୟପାଇଁ ୫ଲକ୍ଷ ଟଙ୍କାର ଏକ ଚେକ୍ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରିଥିଲେ। ଏହି ଚେକ୍‌ର ଅର୍ଥ ଏ ପର୍ଯ୍ୟନ୍ତ କଲେଜ ଆକାଉଣ୍ଟକୁଆସିନାହିଁ। ଫଳରେଏମ୍‌ପିଙ୍କ ସହାୟତା ବାବଦ ଅର୍ଥ କ'ଣ ହେଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ପୁରାତନ ଛାତ୍ରସଂଘର ସଭାପତି ତଥା କଂଗ୍ରେସ ନେତା ରବୀନ୍ଦ୍ରନାଥ କର, ନନ୍ଦକିଶୋର ଭୂୟାଁ, ନବକିଶୋର କର, ବିଶ୍ୱମୋହିତ କର, ବିଭୂତି ଭୂଷଣ ଦାଶ, ବିରଞ୍ଚି ନାରାୟଣ କର, ଜୟଦେବ ଶତପଥୀ, ରାଜେଶ ମହାନ୍ତି, ମନୋଜ ବେହେରା, ମିଟୁ ମଲ୍ଲ, ସୟଦ ଗୁଲଜାର୍ ଅଲ୍ଲୀ, ଜୟରାମ ବେହେରା ପ୍ରମୁଖ ଅଧ୍ୟକ୍ଷଙ୍କୁ ଭେଟିଥିଲେ। ଏ ସମ୍ପର୍କରେ ପରିଚାଳନା କମିଟି ସଭାପତିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# କନ୍ୟାକୁମାରୀ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ

**ସାଲେପୁର,୮।୭(ଡି.ଏନ.ଏ.)**

ସାଲେପୁର ବ୍ଲକ୍ ମଧ୍ୟକଚ୍ଛ ପଞ୍ଚାୟତ ଆତୋଡ଼ା ଗ୍ରାମରେ ଅବସ୍ଥିତ ସିଦ୍ଧକାନ୍ତି ପୀଠ ପରିସରରେ କନ୍ୟାକୁମାରୀ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ଶିଳାନ୍ୟାସ କରିଥିଲେ। କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବ୍ୟକ୍ତିଗତ ପାଣ୍ଠିରୁ ଏହି ମନ୍ଦିର ନିର୍ମାଣ କରିବେ। କାର୍ଯ୍ୟକ୍ରମରେ ବିଶ୍ୱାଳଙ୍କ ସହ ତାଙ୍କ ସ୍ତ୍ରୀ ଲକ୍ଷ୍ମୀବିଳାସିନୀ ବିଶ୍ୱାଳ ଯୋଗ ଦେଇଥିଲେ। ସଞ୍ଜୟ ବେହେରା, ପ୍ରମୋଦ ଦଳାଇ, ପ୍ରଶାନ୍ତ ଜେନା, ମାନସ ପଟ୍ଟନାୟକ, ଅଜୟ ଜେନା, ସୁଶାନ୍ତ ଦଳାଇ, ବୈଷ୍ଣବ ବେହେରା, ସଞ୍ଜୟ ନାୟକଙ୍କ ସମେତ ଅଞ୍ଚଳର ବହୁ ଆଧାତ୍ମିକ ପ୍ରେମୀ ଉପସ୍ଥିତ ଥିଲେ।

# ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

**ସାଲେପୁର,୮।୭(ଡି.ଏନ.ଏ.)**

ଭାଜପା ପକ୍ଷରୁ କଟକ ଜିଲାରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ସାଲେପୁରଠାରେ ଆରମ୍ଭ ହୋଇଛି। ସାଲେପୁର ମଧୁସ୍ମୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସମ୍ପାଦକ ତଥା ଜିଲା ସଦସ୍ୟତା ପ୍ରମୁଖ ଦିଲୀପ ମଲିକ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଭାଜପା ଉପସଭାପତି ତଥା ଜିଲା ସଦସ୍ୟତା ପ୍ରଭାରୀ ନୟନ କିଶୋର ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ତଥା ଜିଲା ସଦସ୍ୟତା ସହପ୍ରଭାରୀ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ କିପରି ଅଧିକରୁ ଅଧିକ ସଭ୍ୟ ଗ୍ରହଣ କରାଯିବ ସେଥିପ୍ରତି ପଞ୍ଚାୟତଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ କର୍ମକର୍ତ୍ତା ଉଦ୍ୟମ କରିବାପାଇଁ ପରାମର୍ଶ ଦେଇଥିଲେ। ସଭ୍ୟଗ୍ରହଣ ପରେ ଦଳ ପକ୍ଷରୁ ସାଙ୍ଗଠନିକ ପର୍ବ ଆରମ୍ଭ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ, ଭାଜପା ନେତା ଶୁଭ୍ରାଂଶୁ ପାଢ଼ୀ, ଜିଲା ଭାଜପା ମହିଳା ସଭାନେତ୍ରୀ ଯାଜ୍ଞସିନୀ ଜେନା, ବ୍ଲକ୍ ଅଧ୍ୟକ୍ଷା ମମତା ରାଉତ, ଅଭିନେତ୍ରୀ ବିଦୁସ୍ମିତା, ରାମନାରାୟଣ ମହାନ୍ତି, ବିଜୟ ଦଳବେହେରା ପ୍ରମୁଖ ମଞ୍ଚାସୀନ ରହି ଅଭିଯାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସାଲେପୁର, ମାହାଙ୍ଗା, ବଡ଼ମ୍ବା, ବାଙ୍କୀ, ଆଠଗଡ଼, କଟକ ସଦର ଏବଂ ନିଆଳି ନିର୍ବାଚନମଣ୍ଡଳୀର ବହୁ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶେଷରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି ଧନ୍ୟବାଦ ଦେଇଥିଲେ।



ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

■ ବିବାହ ଭୋଜିରେ ମାଂସ ଖାଇବାକୁ ନେଇ ଗଣ୍ଡଗୋଳ

# ଶିଶୁପାଳ ହୋଇ ଫେରିଲେ ବର

**ମାହାଙ୍ଗା/ଲଳିତଗିରି,୮।୭(ସ୍ୱ.ପ୍ର.)**

**ଯାତ୍ରୀଙ୍କ ସହ ୧୮ ଘଣ୍ଟା ଅଟକ ରହିଲେ**

- କନ୍ୟାପକ୍ଷର ଜଣେ ମହିଳା ଗୁରୁତର
- ଅଧିକ ଓଜନର ସୁନା ଚେନ୍ ପାଇଁ ଦାବି ହୋଇଥିଲା

ବିବାହ ଭୋଜିରେ ଅଧିକ ମାଂସ ଖାଇବା ଓ ବରଙ୍କୁ ଦିଆଯାଇଥିବା ସୁନା ଚେନ୍ କମ୍ ଓଜନ ହୋଇଥିବାରୁ ବରଯାତ୍ରୀଙ୍କ ପକ୍ଷରୁ କନ୍ୟାଘରେ ଗଣ୍ଡଗୋଳ ଘଟିଛି। ଏଥିରେ କନ୍ୟା ପକ୍ଷର ଜଣେ ମହିଳା ଗୁରୁତର ହୋଇଛନ୍ତି। ଏହାକୁ ନେଇ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବାରୁ କନ୍ୟାଘର ପକ୍ଷରୁ ବରଙ୍କ ସମେତ ବରଯାତ୍ରୀଙ୍କୁ ୧୮ ଘଣ୍ଟା ଅଟକ ରଖାଯାଇ ଶେଷରେ କ୍ଷତିପୂରଣ ଆଦାୟ କରି ସୋମବାର ଛାଡ଼ିଦିଆଯାଇଛି। ଫଳରେ ବର ଶିଶୁପାଳ ହୋଇ ଫେରିଛନ୍ତି। କନ୍ୟାଙ୍କୁ ଅନ୍ୟତ୍ର ବିବାହ କରିବାକୁ ତାଙ୍କ ପରିବାର ଲୋକେ ସ୍ଥିର କରିଛନ୍ତି। ଏହି ଘଟଣା କଟକ ଜିଲା ମାହାଙ୍ଗା ଥାନା ଅଧୀନ ବରାହିପୁର ପଞ୍ଚାୟତ ଦେବରିଓ ଗ୍ରାମରେ ଘଟିଛି।

ମିଳିଥିବା ସୂଚନା ଅନୁସାରେ, ରବିବାର ଗ୍ରାମର ବଳରାମ ପ୍ରଧାନଙ୍କ ଝିଅଙ୍କ ସହ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ଷାଠିଏବାଟି ଗ୍ରାମର ବିଜୟ ଜେନାଙ୍କ ସାନପୁଅ ପ୍ରିୟରଞ୍ଜନଙ୍କ ବିବାହ ପାଇଁ ରବିବାର ଦିନ ଦିନ ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟରେ ବର ଘରେ ବର ଧରା ପହଞ୍ଚିବା ପରେ ନିର୍ବନ୍ଧ ସମୟରେ ବରକୁ ଦିଆଯାଇଥିବା ସୁନାଚେନ, ମୁଦି କମ୍ ଓଜନର ହୋଇଥିବା ବରଘର ପକ୍ଷରୁ କୁହାଯାଇଥିଲା। ଏପରି କି ଦିଆ ଯାଇଥିବା ସୁନା ଚେନ ଓଜନଠାରୁ ଅଧିକ ଓଜନର ଚେନ ନ ଦେଲେ କନ୍ୟା ଘରକୁ ବରଯିବ ନାହିଁ ବୋଲି ବରଘର ପକ୍ଷରୁ କୁହାଯାଇଥିଲା। କନ୍ୟା ଘର ପକ୍ଷରୁ ଅଧିକ ଓଜନର ସୁନାଚେନ ଦେବା ପାଇଁ ପ୍ରତିଶ୍ରୁତି ଦେବାପରେ ବର ପ୍ରସେସନରେ ବାହାରିଥିଲେ। କନ୍ୟା ଘରେ ବର ପହଞ୍ଚିବା ପରେ ବରଯାତ୍ରୀଙ୍କୁ ଛାତ ଉପରେ ଭୋଜି ଖାଇବାକୁ ଦିଆଯାଇଥିଲା। ଖାଇବା ସମୟରେ ଅଧିକ ମାଂସ ଖାଇବାକୁ କେନ୍ଦ୍ରକରି ବରଯାତ୍ରୀ ଓ କନ୍ୟା ଘର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ବର ଘରର କିଛି ମହିଳା କନ୍ୟାଙ୍କୁ ବିଭିନ୍ନ ଇଙ୍ଗିତ କଥା କହିବା ସହ ବରଙ୍କୁ ଖାଦ୍ୟ ଦେବା ସମ୍ପର୍କରେ ଯାଇ ଉତ୍ତେଜିତ କରିଥିଲେ।

ବର ଏହି କଥା ଶୁଣିବା ପରେ ଖାଦ୍ୟ ବ୍ୟବସ୍ଥା ହୋଇଥିବା ସ୍ଥାନକୁ ଯାଇ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ କନ୍ୟା ଓ ବରପକ୍ଷ ମଧ୍ୟରେ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। କନ୍ୟାଙ୍କ ଖୁଡି ଝୁନି ପ୍ରଧାନଙ୍କୁ ବରପକ୍ଷ ଲୋକ ଠେଲାପେଲା କରିବା ଦ୍ୱାରା ସେ ତଳେ ପଡି ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ପରିସ୍ଥିତି ଅଧିକ ଉଗ୍ରରୂପ ନେଇଥିଲା। ଫଳରେ ବର ବରଯାତ୍ରୀଙ୍କୁ ଗ୍ରାମବାସୀ ଉତ୍ତମ ମଧ୍ୟମ ଦେବା ଅଟକ ରଖିଥିଲେ। କନ୍ୟାଘର ପକ୍ଷରୁ ଉକ୍ତ ଯୁବକଙ୍କୁ ବିବାହ ପାଇଁ ଅମଙ୍ଗ ହୋଇଥିଲେ। କୌଣସି ସୂତ୍ରରୁ ଖବର ପାଇ ସୋମବାର ସନ୍ଧ୍ୟା ୬ଟାରେ ମାହାଙ୍ଗା ପୋଲିସ ପହଞ୍ଚି ଭଦ୍ରଲୋକଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରିଥିଲା। କ୍ଷତିପୂରଣ ଦେଇ ଶେଷରେ ବର ଶିଶୁପାଳ ହୋଇ ଘରକୁ ଫେରିଥିଲେ। ଏ ସମ୍ପର୍କରେ ବର ହୋଇ ଆସିଥିବା ପ୍ରିୟରଞ୍ଜନଙ୍କୁ ପଚାରିବାରୁ ଭୋଜି ଖାଇବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ମୁଁ ଖାଇବା ସ୍ଥଳରେ ଗାଳିଗୁଲଜ କରିନାହିଁ ବରଂ ମୋ ଭାଉଜଙ୍କୁ କେହି ଗାଳିଗୁଲଜ କରିବା କଥା ଶୁଣି ଏହା ପଚାରିବାକୁ ଯାଇଥିଲି। ଏଠାରେ ମୋର କୌଣସି ଭୁଲ ନାହିଁ ବୋଲି କହିଥିଲେ।



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।

- ସନ୍ଥ ତୁଳସୀ ଦାସ



**ସଂକ୍ଷେପରେ**

## ବାଇକ୍ ଜଳିଗଲା

**କଟକ ଅଫିସ, ୮।୭:** ଦରଘାବଜାର ଥାନା ଅନ୍ତର୍ଗତ ଆଲାମଚାନ୍ଦ ବଜାରରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ ବାଇକ୍(ଓଡି୦୫ଏକ୍ସ-୮୭୨୮)ରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ବାଇକଟି ସମ୍ପୂର୍ଣ୍ଣ ପୋଡି ଯାଇଥିବା ନେଇ ମାଲିକ ଗଣେଶ ସାହୁ ସୋମବାର ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗଣେଶ ରବିବାର ରାତିରେ ବାଇକଟିକୁ ଘର ସମ୍ମୁଖରେ ରଖି ଶୋଇଥିଲେ। ରାତି ପ୍ରାୟ ସାଢେ ୧ଟା ବେଳେ ବାଇକ୍‌ଟି ଜଳୁଥିବା ନେଇ ତାଙ୍କର ଜଣେ ପଡୋସି ତାଙ୍କୁ ଫୋନରେ ଜଣାଇଥିଲେ। ସେ ବାହାରକୁ ଆସି ପାଣି ପକାଇ ନିଆଁକୁ ଲିଭାଇଥିଲେ ମଧ ସେତେବେଳେକୁ ବାଇକ୍‌ଟି ଜଳିଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ଦୁର୍ବୃତ୍ତ ତାଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## ଆଇନ ସଚେତନତା ଶିବିର

**କଟକ ଅଫିସ, ୮।୭:** ବାରଙ୍ଗ ବ୍ଲକ ଅଧୀନ ଗୋଡିସାହିସ୍ଥିତ ରାମଦାସପୁର ଗ୍ରାମରେ ଲିଗାଲ ଏଡ କାଉନସିଲ ପକ୍ଷରୁ ପଞ୍ଚାୟତସ୍ତରୀୟ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଲିଗାଲ ଏଡ୍ କାଉନସିଲର ସମ୍ପାଦକ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗଦେଇ ଲୋକମାନଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ଶିକ୍ଷୟିତ୍ରୀ ଶୈଳବାଳା ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶିବିରରେ ପ୍ରାଣବନ୍ଧୁ ପତି ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ସୁନିଲ ସିଂ ସଭା ପରିଚାଳନା କରିଥିବାବେଳେ ସୁନିଲ ପ୍ରଧାନ, ଆଡଭୋକେଟ ସରୋଜ ପଟେଲ, ଗଗନ ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ୨୦ କୁଇଣ୍ଟାଲ ଲୁହା ପାଇପ୍, ୨ ଗ୍ୟାସ ସିଲିଣ୍ଡର ଜବତ

**ଖୁଣ୍ଟୁଣୀ,୮।୭(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ବିଲୁଆଗଡା ଗ୍ରାମ ଜଙ୍ଗଲରୁ ପୋଲିସ ସୋମବାର ୨୦କୁଇଣ୍ଟାଲ ଲୁହା ପାଇପ ଓ ୨ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ଖୁଣ୍ଟୁଣୀ ଥାନା ଏଏସ୍ଆଇ ଦେବେନ୍ଦ୍ର ବେଉରାଙ୍କ ସୂଚନା ଅନୁଯାୟୀ, ସ୍ଥାନୀୟ ଏକ ପ୍ଲାଣ୍ଟରୁ ଗ୍ୟାସ ସିଲିଣ୍ଡର ଓ ଲୁହା ପାଇପ ଚୋରି କରି କେହି ଦୁର୍ବୃତ୍ତ ଜଙ୍ଗଲରେ ରଖିଥିଲା। ଖବରପାଇ ପୋଲିସ ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଲୁହା ପାଇପ ଓ ଗ୍ୟାସ ସିଲିଣ୍ଡର ଜବତ କରିଥିଲା।

## ବନୀକରଣ ଦିବସ ପାଳିତ

**ଟାଙ୍ଗୀ(କଟକ),୮।୭(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବିଶ୍ୱନାହାକାଣୀ ଉଚ୍ଚ ମାଧମିକ ବିଦ୍ୟାଳୟର ଏନ୍ଏସ୍ଏସ୍ ବାଳିକା ବିଭାଗ ଓ ଡାଳିଯୋଡା ବୈରୀ ରେଞ୍ଜ ମିଳିତ ଆନୁକୂଲ୍ୟରେ ବନିକରଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଛାତ୍ରୀ ଛାତ୍ର ଓ ସ୍ୱେଚ୍ଛାସେବୀ କର୍ମୀଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ସଭା ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସୁବୋଧ ସାମଲ, ଗଙ୍ଗାଧର ବେହେରା, ଚକ୍ରଧର ଦାସ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ରାଜୀବଲୋଚନ ଛାଟୋଇ, ଡଲିଆରାଣୀ ଦେହୁରୀ, ରାକେଶ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା।

# ନିର୍‌ତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

**କଣ୍ଟାପଡ଼ା,୮।୭(ଡି.ଏନ୍.ଏ.)**

■୨ ବାଇକ୍, ୬ ମୋବାଇଲ ଫୋନ ଓ ବନ୍ଧୁକ ଜବତ

■ଗତ ୩ ତାରିଖରେ ହୋଇଥିଲା ଆକ୍ରମଣ

ଓଲଟପୁରସ୍ଥିତ ନିର୍‌ତାର (ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ କେନ୍ଦ୍ର) ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କୁ ଆକ୍ରମଣ ଘଟଣାରେ ସୋମବାର ଓଲଟପୁର ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧର ବେହେରା(୫୬), ନିର୍‌ତାର କ୍ୟାଣ୍ଟିନ ଠିକା କର୍ମଚାରୀ ବ୍ରହ୍ମାନନ୍ଦ ଭୋଇ, କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋର ବସିର ଖାନ୍(୩୨), କଟକ ଲାଲବାଗ ଥାନା ଚାନ୍ଦିନଚୌକ ଅଞ୍ଚଳର ସୟଦ ସଦ୍ଦାମ(୨୮) ଓ ଚୌଦ୍ୱାର ଥାନା ଅନ୍ତର୍ଗତ ନଖରା ଗ୍ରାମର ସୁଶାନ୍ତ ମଲିକ(୩୫)। ପୋଲିସ ଏମାନଙ୍କଠାରୁ ୨ଟି ବାଇକ୍, ୬ଟି ମୋବାଇଲ ଫୋନ, ଗୋଟିଏ ବନ୍ଧୁକ ଓ ୬୦୦୦ଟଙ୍କା ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୩ତାରିଖ ଅପରାହ୍ନ ପ୍ରାୟ ୫ଟା ୩୦ରେ ନିର୍ଦ୍ଦେଶକ ଦାସ ଅଫିସ କାମ ସାରି ଅନୁଷ୍ଠାନ କାର(ଓଡି ୦୨ ଏଜେ ୫୨୫୬)ରେ କଟକ ଫେରୁଥିଲେ। କୁଆଁରପୁର-ଦାମୋଦରପୁର ମଝି ରାସ୍ତାରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ କାରକୁ ପିଛା କରିବା ସହ ଗାଡି ପଛକୁ ଢେଲାମାଡ଼ କରିଥିଲେ। ଢେଲାମାଡ଼ରେ କାର ପଛ କାଚ ଭାଙ୍ଗିଯିବାରୁ ଦୁର୍ବୃତ୍ତମାନେ ଏକ ବନ୍ଧୁକରେ ଡା. ଦାସଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର କାର ଡ୍ରାଇଭର ଗାଡ଼ିକୁ ଦ୍ରୁତଗତିରେ ନେଇ ପଳାଇବାରୁ ଦୁର୍ବୃତ୍ତମାନେ ବନ୍ଧୁକକୁ ନିର୍ଦ୍ଦେଶକଙ୍କ ଉପରକୁ ଫୋପାଡିଥିଲେ। ବନ୍ଧୁକ ତାଙ୍କ ଦେହରେ ନ ବାଜି କାର ପଛ ପଟେ ପଡିଯାଇଥିଲା। ଏହା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଡା. ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୭/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧରଙ୍କ ଉପରେ ପୋଲିସ ସନ୍ଦେହ କରି ଗତ ଶନିବାର ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ଏହା ପରେ ଲକ୍ଷ୍ମୀଧର ସବୁ କଥା ପୋଲିସ ଆଗରେ କହିଥିଲେ। କେତେଜଣ ପିଲାଙ୍କୁ ଚାକିରିରେ ରଖାଇ ଦେବା ପାଇଁ ନିର୍ଦ୍ଦେଶକ ଦାସଙ୍କୁ ବିଭିନ୍ନ ସମୟରେ ଲକ୍ଷ୍ମୀଧର କହୁଥିଲେ। ମାତ୍ର ଡା. ଦାସ ଏଥିରେ ଅରାଜି ହୋଇଥିଲେ। ଶେଷରେ ଲକ୍ଷ୍ମୀଧର କ୍ୟାଣ୍ଟିନରେ ଠିକା କାମ କରୁଥିବା ବ୍ରହ୍ମାନନ୍ଦଙ୍କ ସହଯୋଗରେ ସୟଦ, ସୁଶାନ୍ତ ଓ ବସିରଙ୍କୁ ୩୫,୦୦୦ଟଙ୍କା ସୁପାରୀ ଦେଇ ନିର୍ଦ୍ଦେଶକଙ୍କୁ ଏଭଳି ଉପାୟରେ ଧମକ ଦେବାପାଇଁ ଯୋଜନା କରି ସଫଳ ହୋଇଥିଲେ ବୋଲି ଲକ୍ଷ୍ମୀଧର ପୋଲିସ ନିକଟରେ କହିଛି। ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।



କଟକ ଚାନ୍ଦିନଚୌକ ଶ୍ରୀଜଗନ୍ନାଥ ମନ୍ଦିରରୁ ସୋମବାର ରୂପା ପାଲିଙ୍କିରେ ମହାଲକ୍ଷ୍ମୀ ଶୋଭାଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଉଛନ୍ତି।

# ଜଳବନ୍ଦୀ ସ୍ଥିତି ଅନୁଧ୍ୟାନ କଲେ ସିଏମ୍‌ସି କମିଶନର

**କଟକ ଅଫିସ, ୮।୭**



ଗତ ୫ ତାରିଖରେ ହୋଇଥିବା ବର୍ଷାରେ କଟକ ସହର ଜଳବନ୍ଦୀ ହୋଇଥିଲା। ଫଳରେ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ବର୍ଷା ଟିକେ କମିବା ପରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଜଳବନ୍ଦୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୋମବାର ମଧ୍ୟାହ୍ନରେ କମିଶନର ଦାସ ସହରର ମେରିଆବଜାର, ସେମିନାରୀ ଛକ, ରାଉସାପାଟଣା, କେଶରପୁର କଲଭର୍ଟ, ମଙ୍ଗରାଜ କଲୋନୀ, ଗହ୍ମାଡିଆ, ତିନିକୋଣିଆ ବଗିଚା ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ନିୟମିତ ସଫେଇ ଓ ଆବର୍ଜନା ପରିବହନ ବ୍ୟବସ୍ଥାକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସହରର ଏହି ଅଞ୍ଚଳଗୁଡିକରେ ବର୍ଷା ଛାଡିବାର ଦିନେ ଦୁଇଦିନ ବିତିଯାଇଥିଲେ ସୁଦ୍ଧା ପାଣି ନିଷ୍କାସନ ହୋଇପାରୁନାହିଁ। ବର୍ଷାପରେ ସମସ୍ତ ଅଞ୍ଚଳରେ ସଫେଇ ଓ ଆବର୍ଜନା ଉଠାଇବା କାମ ଠିକ୍ ଭାବେ କରାଯାଉ ନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଫଳରେ ବର୍ଷାପାଣି ବହୁଦିନ ହେବ ଜମିରହି ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହେଉଛି। ତେବେ ଏହି ପରିଦର୍ଶନ ବେଳେ କମିଶନର ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିବାବେଳେ ପରିମଳ ଓ ସଫେଇ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଣିକି ପ୍ରତ୍ୟେକ ୱାର୍ଡରୁ ଦୈନନ୍ଦିନ ନିର୍ଗତ ହେଉଥିବା ଆବର୍ଜନାକୁ ସେହିଦିନ ହିଁ ଉଠାଯିବାକୁ କମିଶନର କଡା ନିର୍ଦ୍ଦେଶ ଦେଇଛନ୍ତି।

# ଭିଡ଼ ହିଂସା ବିରୋଧରେ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।

**କଟକ ଅଫିସ,୮।୭**

ମୁସଲିମ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋବ୍ ଲିନ୍‌ଚିଙ୍ଗ୍ ବରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଝାଡଖଣ୍ଡର ମୁସଲିମ ବ୍ୟକ୍ତି ତବରେଜ ଅନସାରୀ, ରାଜସ୍ଥାନ ଆଲୱରର ପହେଲୁ ଖାନ, ଦାଦ୍ରୀର ମହମ୍ମଦ ଏକଲାକ୍, ଜୁନେଦ ଓ ଦଳିତ ବ୍ୟକ୍ତି ରୋହିତ ବିମୁଲ୍ଲା ଏବଂ ଅନ୍ୟମାନଙ୍କୁ ମିଥ୍ୟା ଆରୋପରେ କେତେକ ସଙ୍ଗଠନ କର୍ମୀ ଓ ମୁଷ୍ଟିମେୟ ଅସାମାଜିକ ଲୋକେ ପିଟିପିଟି ୨୨୨ଜଣଙ୍କୁ ହତ୍ୟା କରିଛନ୍ତି। ସେହିପରି ଦଳିତ ଭଉଣୀଭାଇମାନଙ୍କୁ ମଧ ଛୋଟ ଓ ନିଚ ଜାତିର ଆକ୍ଷେପ କରି ବିଭିନ୍ନ ଅଞ୍ଚଳରେ ପିଟିପିଟି ହତ୍ୟା କରାଯାଉଛି। ସମସ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ସହ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ଆବାହକ ଶେଖ୍ ମୁନ୍ତାକିମ୍ ବକ୍ସ, ଦଳିତ ନେତା ସୁକାନ୍ତ ସେଠୀ, ମୌଲାନା ଆସିକୁଲ କାଦ୍ରୀ ମିସବାହୀ, ହାଫିଜ୍ ସୟଦ୍ ସଦରୁଦ୍ଦିନ୍, ମୌଲାନା ଇର୍‌ଫାନ୍ ରାଜା, ମୁସ୍ତାକ ଅଲ୍ଲୀ, ବିଜୟ ମହାରଣା, ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, ଆକିବ ରାଜା, ସୟଦ୍ ଅକ୍‌ତର ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ବିଚାରାଧୀନ କଏଦୀ ଦେଲେ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

**ଚୌଦ୍ୱାର,୮।୭(ଡି.ଏନ୍.ଏ.)**

ସୋମବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା। ଚୌଦ୍ୱାର ସର୍କଲ ଜେଲରେ ରହୁଥିବା ବିଚାରାଧୀନ କଏଦୀ ମନୋଜ ମହାରଣା(୩୬) ଏହି ପରୀକ୍ଷା ଦେଉଛନ୍ତି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ବେହେରାଙ୍କ ସୂଚନା ଅନୁଯାୟୀ, ସରକାରୀ ନିୟମ ଅନୁସାରେ ମାଧମିକ ଶିକ୍ଷା ବୋର୍ଡ଼ ପକ୍ଷରୁ ଜେଲ ଭିତରେ ମନୋଜଙ୍କ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ଚୌଦ୍ୱାର ଜେଲ୍‌ର ପରୀକ୍ଷା ଦେବାକୁ ଥିବା କଏଦୀଙ୍କ ପାଇଁ ନୋଡାଲ ସେଣ୍ଟରଭାବେ ଟାଙ୍ଗୀ ବିଦ୍ୟାପୀଠକୁ ଦାୟିତ୍ୱ ଦିଆଯାଇଛି। ଚଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଟାଙ୍ଗୀ ବିଦ୍ୟାପୀଠର ପରୀକ୍ଷାର୍ଥୀଙ୍କ ପାଇଁ ଗୋପାଳପୁରସ୍ଥିତ ମା'ତାରିଣୀ ନୋଡାଲ ବିଦ୍ୟାପୀଠ ସେଣ୍ଟର ହୋଇଥିବାରୁ ପରୀକ୍ଷାର୍ଥୀ ବିଚାରାଧୀନ କଏଦୀ ମନୋଜଙ୍କ ପାଇଁ ଜେଲ୍ ଭିତରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଗୋପାଳପୁର ମା' ତାରିଣୀ ବିଦ୍ୟାପୀଠରୁ ଜଣେ ଅଧିକାରପ୍ରାପ୍ତ ଶିକ୍ଷକ ପ୍ରଶ୍ନପତ୍ର ନେଇ ଜେଲକୁ ଆସିବା ସହିତ ଜେଲ୍ ସୁପରିଣ୍ଟେଣ୍ଡଙ୍କ ଉପସ୍ଥିତିରେ ଉକ୍ତ ଶିକ୍ଷକ ପରୀକ୍ଷା ପରିଚାଳନା କରିଥିଲେ।

## ୧୧ରେ ବାର ଘଣ୍ଟିଆ ବଡ଼ମ୍ବା ବନ୍ଦ

**ବଡ଼ମ୍ବା,୮।୭(ଡି.ଏନ.ଏ.)**

ବଡ଼ମ୍ବାରେ ସବ୍‌ଜଜ୍‌କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ ଓ ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ଆଦି ଦାବି ନେଇ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ସୋମବାର ୫୭ଦିନରେ ପହଞ୍ଚିଛି। ଏହା ମଧ୍ୟରେ ବିଭିନ୍ନ ଦିନରେ ପିକେଟିଂ ଓ କୋର୍ଟର ତାଲା ଝୁଲିବା କାର୍ଯ୍ୟକ୍ରମ କରାଯାଇଥିବାବେଳେ ସଂଘ ପକ୍ଷରୁ ସୋମବାର ଏକ ସର୍ବଦଳୀୟ ବୈଠକ କରାଯାଇଛି। ବୈଠକରେ ବିଭିନ୍ନ ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କ ସମେତ ବଡ଼ମ୍ବାର ଶତାଧିକ ଜନସାଧାରଣ ଯୋଗଦେଇ ଆନ୍ଦୋଳନର ରୂପରେଖ ଉପରେ ଆଲୋଚନା କରିବା ସହିତ ବଡ଼ମ୍ବା ବନ୍ଦ ଉପରେ ମତାମତ ପ୍ରଦାନ କରିଥିଲେ। ବୈଠକ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୧ରେ ୧୨ଘଟିଆ ବଡ଼ମ୍ବା ବନ୍ଦ କରାଯିବ।ବଡ଼ମ୍ବା ଗାନ୍ଧିଛକସ୍ଥିତ ଟେନିସ୍ ପଡ଼ିଆରେ ଥିବା ବୈକୁଣ୍ଠ ସ୍ମୃତି ସଦନଠାରେ ଅନୁଷ୍ଠିତ ବୈଠକରେ ଓକିଲ ସଂଘ ସଭାପତି କୈଳାସଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ।

# କର୍ମଚାରୀ ସମନ୍ୱୟ ସମିତି ବୈଠକ

**କଟକ ଅଫିସ, ୮।୭**

ଓଡ଼ିଶା ରାଜ୍ୟ ସରକାର କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ପକ୍ଷରୁ ସାଙ୍ଗଠନିକ କର୍ମଶାଳା ଯୋବ୍ରା ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଲିଙ୍ଗରାଜ ମହାନ୍ତି ଅଧକ୍ଷତା କରିଥିଲେ। ରାଜ୍ୟର ବିଭିନ୍ନ ଅଫିସଗୁଡିକରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ସେହି ସ୍ଥାନରେ ନୂତନ ନିଯୁକ୍ତି କରାଯାଉନାହିଁ। ଜଳସମ୍ପଦ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଅସ୍ଥାୟୀ ଓ ଛଟେଇ କର୍ମଚାରୀଙ୍କୁ ଖାଲିଥିବା ସ୍ଥାନରେ ନିଯୁକ୍ତି ଦେବା, ସ୍ଥିରୀକୃତ ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା ଆଦି ସମସ୍ୟାର ସମାଧାନ ନିମନ୍ତେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କଟକ ଜିଲାକୁ ଦିଆଯାଇଥିବା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଜିଲାର ସମସ୍ତ ସାଙ୍ଗଠନିକ କର୍ମଚାରୀମାନଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ୨୮ରେ ଦ୍ୱିତୀୟ ରାଜ୍ୟ ମହିଳା କର୍ମଚାରୀ କନ୍‌ଭେନ୍‌ଶନ କଟକରେ ଅନୁଷ୍ଠିତ ହେବ। ଏହାକୁ ଯେପରି ସଫଳତାର ସହ ସମ୍ପାଦନ କରାଯିବ ସେ ନେଇ କାର୍ଯ୍ୟକାରୀ ସଭାପତି ଜ୍ୟୋତ୍ସ୍ନାମୟୀ ଦେଇ, ଶାନ୍ତିଲତା ସାହୁ ଏହି କର୍ମଶାଳାରେ କହିଥିଲେ। ଜିଲାରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଯାଇ ରାଜ୍ୟ ମହିଳା କନଭେନଶନକୁ ସଫଳ କରିବା ପାଇଁ ଉପସ୍ଥିତ କର୍ମଚାରୀଙ୍କୁ କୁହାଯାଇଥିଲା। ଏହି କର୍ମଶାଳାରେ ଶରତ ଚନ୍ଦ୍ର ମାରାଣ୍ଡି, ବିକାଶ ଚନ୍ଦ୍ର ମହାପାତ୍ର, ସନ୍ତୋଷ ମୋହନ ତ୍ରିପାଠୀ, ବସନ୍ତ କୁମାର ବେହେରା, ଗୋପୀନାଥ ବାରିକ, ମହମ୍ମଦ ବାସିତ, ନରହରି ମହାନ୍ତି ପ୍ରମୁଖ ସାମିଲ ହୋଇ ସଂଘର ନିଷ୍ପତ୍ତିକୁ ସମର୍ଥନ ଜଣାଇଥିଲେ।



କଟକ ରାଣୀହାଟ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ସୋମବାର ଛାତ୍ରୀଛାତ୍ରମାନେ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଦେଇ ଫେରୁଛନ୍ତି।

# 'ମୋ ମନର ଜଗନ୍ନାଥ' ଚିତ୍ରକଳା ଶିବିର ଉଦ୍‌ଘାଟିତ

**କଟକ ଅଫିସ,୮।୭**

ସ୍ଥାନୀୟ ମହାନଦୀବିହାର ଶ୍ରୀଗୁଣ୍ଡିଚା ମହୋତ୍ସବ ଓ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍‌ର ମିଳିତ ଆନୁକୂଲ୍ୟରେ 'ମୋ ମନର ଜଗନ୍ନାଥ' ଚିତ୍ରକଳା ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଇଂ. ଗୋପାଳକୃଷ୍ଣ ବେହେରା ଶିବିରକୁ ଉଦଘାଟନ କରିଥିଲେ। ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଆଇଚ ଯୋଗଦେଇ ଗ୍ରୁପ୍‌ର ନିଆରା କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିଥିଲେ। ଜଗନ୍ନାଥଙ୍କୁ ନେଇ କାନଭାସ୍ ମାଧ୍ୟମରେ ଚିତ୍ରିତ କରିଥିବାରୁ, ଏହା ସଂସ୍କୃତି ଐତିହ୍ୟ ଓ ପରମ୍ପରାକୁ ଆହୁରି ସୁଦୃଢ଼ କରିପାରିବ ବୋଲି ଶ୍ରୀଗୁଣ୍ଡିଚା ମହୋତ୍ସବର ଆବାହକ ସଞ୍ଜୟ ଜେନା, ରମାକାନ୍ତ ଲେଙ୍କା, ଇଂ. ଅଚ୍ୟୁତାନନ୍ଦ ରାଉତରାୟ, ଅଭୟ ପରିଜା, ଶରତ କୁଣ୍ଡୁ, ଆର୍ତ୍ତତ୍ରାଣ ମହାପାତ୍ର ଓ ବିଚିତ୍ରାନନ୍ଦ ପଣ୍ଡା ପ୍ରମୁଖ ମତପ୍ରକାଶ କରିଥିଲେ। କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପର ସଭାପତି ମହେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ପାଦକ ଶଶିକାନ୍ତ ରାଉତ, ଉପସଭାପତି ଲକ୍ଷ୍ମୀଧର ରଣା, ସହ ସମ୍ପାଦକ ବିଜୟ ସାହୁ, କୋଷାଧକ୍ଷ ପୀତାମ୍ବର ନାୟକ, କୈଳାଶଚନ୍ଦ୍ର ରଣା, ସୌଭାଗ୍ୟ ମହାପାତ୍ର, ଡ. ଯଦୁନାଥ ପ୍ରସାଦ ଦାସ, ତେଜସ୍ୱିନୀ ସାମନ୍ତସିଂହାର, ରଶ୍ମି ମିଶ୍ର, ପ୍ରତିମା ମିଶ୍ର, ସଞ୍ଜୟ ଚୌଧୁରୀ ପ୍ରମୁଖ ୨୦ଜଣ ଚିତ୍ରଶିଳ୍ପୀ ନିଜନିଜ କାନଭାସ୍‌ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଚିତ୍ରିତ କରିଥିଲେ। ସ୍ମିତା ମୂଳିଆ, ଶର୍ମିଳା ବଳ, ଲେନିନ୍‌ପ୍ରଭା, ସୌମ୍ୟରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଶିବିର ଦୁଇଦିନ ଧରି ଚାଲିବାକୁ ଥିବା ବେଳେ ବାହୁଡ଼ା ପର୍ଯ୍ୟନ୍ତ ପ୍ରଦର୍ଶିତ ହୋଇ ପୁରୀ ଗୋବର୍ଦ୍ଧନପୀଠର ମାତୃପ୍ରସାଦ ମିଶ୍ରଙ୍କ ଦ୍ୱାରା ଉଦ୍‌ଯାପିତ ହେବ ବୋଲି ଗ୍ରୁପର ସମ୍ପାଦକ ଶଶିକାନ୍ତ ରାଉତ କହିଛନ୍ତି। ଏହି ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଦେଖିବା ପାଇଁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା।




ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ସୁଧୁରିନି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ଥିତି

**କଟକ ଅଫିସ,୮।୭**

**ଫନୀକୁ ବିତିଲାଣି ୨ ମାସ**



ବାତ୍ୟା ଫନୀ ପ୍ରଭାବରେ ରେଭନ୍‌ଶା ବିଶ୍ୱବିଦ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବିଶ୍ୱବିଦ୍ୟାଳୟର ପାଚେରି, ସିସିଟିଭି, ଷ୍ଟ୍ରିଟ୍ ଲାଇଟ୍, କବାଟ, ଝରକା ସମେତ ବହୁମାତ୍ରାରେ ବୃକ୍ଷ ଭାଙ୍ଗି ଯାଇଥିଲା। ପ୍ରାୟ ୫୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ଦେଇଥିଲେ। ପରେ ସରକାରଙ୍କ ତରଫରୁ ଏକ ଟିମ୍ ଆସି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଥିଲା। ଇତିମଧ୍ୟରେ ଫନୀକୁ ଦୁଇମାସ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ସ୍ଥିତିରେ ସୁଧାର ଆସିପାରିନାହିଁ।

ଫନୀ ପ୍ରଭାବରେ ଭାଙ୍ଗିଯାଇଥିବା ଷ୍ଟ୍ରିଟ ଲାଇଟ୍, ସିସିଟିଭି, କବାଟ ଓ ଝରକାର ମରାମତି ହୋଇପାରିନାହିଁ। ଏପରି କି ଇଣ୍ଟରନେଟ୍ ମଧ ଠିକ୍ ଭାବେ ଚାଲୁନାହିଁ। ଭାଙ୍ଗି ଯାଇଥିବା ବଡ ଗଛଗୁଡିକ ଏବେ ମଧ ବିଶ୍ୱବିଦ୍ୟାଳୟ ପରିସରରେ ପଡିରହିଛି। ଫନୀ ଯୋଗୁ ଭାଙ୍ଗି ଯାଇଥିବା ପ୍ଲାଷ୍ଟିକ ପାଣିଟାଙ୍କିଗୁଡିକ ସଜଡା ଯାଇ ନ ଥିବାରୁ ବିଶ୍ୱବିଦ୍ୟାଳୟର ସମସ୍ତ ହଷ୍ଟେଲକୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଇ ଦିଆଯାଇପାରିନାହିଁ। ଅଧାପକ ଓ କର୍ମଚାରୀଙ୍କ ଗୃହଗୁଡିକ ଭାଙ୍ଗିଯାଇଥିବାବେଳେ ତାହା ମରାମତି ହୋଇପାରିନାହିଁ। ଫଳରେ ସେମାନଙ୍କୁ ଅନେକ ଅସୁବିଧାର ସାମ୍ନା କରିବାକୁ ପଡୁଛି। ପାଚେରିଗୁଡିକ ସମ୍ପୂର୍ଣ୍ଣ ଭାବେ ମରାମତି ହୋଇ ପାରି ନ ଥିବା ଯୋଗୁ ଅସାମାଜିକ ବ୍ୟକ୍ତିମାନେ ବିଶ୍ୱବିଦ୍ୟାଳୟ ଭିତରକୁ ପ୍ରବେଶ କରୁଛନ୍ତି।

ଏ ନେଇ ବିଶ୍ୱବିଦ୍ୟାଳୟର ପିଜି ଛାତ୍ରୀ ଅବନ୍ତିକା ମିଶ୍ର କୁହନ୍ତି, ବାତ୍ୟା ପରେ ହଷ୍ଟେଲରେ ଠିକ୍ ଭାବରେ ଇଣ୍ଟରନେଟର ସୁବିଧା ମିଳୁନି। ହଷ୍ଟେଲକୁ ମରାମତି ପାଇଁ ଆସିଥିବା ଜିନିଷ ପଡିରହିଛି। ଏ ପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ସେହିପରି ପିଜି ଛାତ୍ର କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି, ହଷ୍ଟେଲର ଭାଙ୍ଗିଯାଇଥିବା କବାଟ, ଝରକା ମରାମତି କରାଯାଇନାହିଁ। ଠିକ୍ ଭାବେ ପାଣି ଆସୁ ନ ଥିବାରୁ ଅନେକ ଅସୁବିଧା ଭୋଗିବାକୁ ପଡୁଛି। ଏ ସମ୍ପର୍କରେ କୁଳସଚିବ ଅଶୋକ ଦାସ କୁହନ୍ତି, ବିଶ୍ୱବିଦ୍ୟାଳୟର ମରାମତି କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଖୁବ୍‌ଶୀଘ୍ର ଶେଷ ହେବ।



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।

-ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଗଛକୁ ଧକ୍କା ଦେଲା ବାଇକ୍, ଚାଳକ ମୃତ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୮।୭ (ଡି.ଏନ୍.ଏ.)**- ବାଣପୁର ଥାନାର ଗଙ୍ଗାଧରପୁର ଅଗ୍ନିଶମ କେନ୍ଦ୍ର ନିକଟରେ ଗଛକୁ ଧକ୍କା ଦେଇ ସୋମବାର ଅପରାହ୍ନରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରେନ୍ ନାୟକ(୩୦)। ଘର ବାଣପୁର ଥାନାର ସାନ ନଇରୀ ଗାଁରେ। ସୋମବାର ଅପରାହ୍ନରେ ବୀରେନ୍ ବାଇକ୍ ଯୋଗେ ଗ୍ରାମକୁ ଫେରୁଥିଲେ। ଅପରାହ୍ନ ସାଢେ ୫ଟାରେ ବୀରେନ ଗଙ୍ଗାଧରପୁର ଅଗ୍ନିଶମ କେନ୍ଦ୍ର ଅତିକ୍ରମ କରୁଥିବା ବେଳେ ଅସାବଧାନତା ବଶତଃ କେନ୍ଦ୍ରର ଅପରପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ବୀରେନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଚୋରି ଅଭିଯୋଗରେ ଦୁଇ ଗିରଫ

**ଜଟଣୀ, ୮।୭(ଡ଼ି.ଏନ.ଏ.) :** ଚୋରି ଅଭିଯୋଗ ଉପରେ ଜଟଣୀ ଥାନା ପୋଲିସ୍ ଦୁଇଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଗୋବିନ୍ଦ ମାଯ୍ୟାନ ଓରଫ କାହ୍ନୁ ଓ ରୁସନ ନାୟକ ଓରଫ କାଲା। ଥାନା ଅନ୍ତର୍ଗତ ଭୀମପୁର ଗ୍ରାମରେ ଏମାନଙ୍କ ଘର। ଘରେ କେହି ନ ଥିବା ସୁଯୋଗରେ ଜୁନ୍ ୨୩ ତାରିଖରେ ସ୍ଥାନୀୟ ଉପରବସ୍ତ ଗ୍ରାମର ଶାନ୍ତିଲତା ଦାସଙ୍କ ଘରୁ ସୁନା ଓ ରୂପା ଅଳଙ୍କାର ସମେତ ପାଣି ମୋଟର, ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଉପରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିଛି। ସେମାନଙ୍କଠାରୁ ପାଣି ମୋଟର ସହ କାନଫୁଲ, ଲକେଟ୍, ଚେନ୍, ବ୍ରେସ୍‌ଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ନଂ. ୨୧୬/୧୯ ମାମଲା ରୁଜୁ ହୋଇଛି।

### ଔଷଧୀୟ ବୃକ୍ଷର ଚାରାରୋପଣ

**ଜଟଣୀ, ୮।୭(ଡ଼ି.ଏନ.ଏ.) :** ଜଟଣୀ ନିକଟବର୍ତ୍ତୀ ପାତ୍ରପଡ଼ାସ୍ଥିତ ଶ୍ରୀନାଗେଶ୍ୱର ଦେବଙ୍କ ମନ୍ଦିର ନିକଟରେ ସୋମବାର ଏକ ଔଷଧୀୟ ବୃକ୍ଷ ଉଦ୍ୟାନର ଶୁଭାରମ୍ଭ ହୋଇଛି। ସାମାଜିକ କର୍ମୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ, ଜଟଣୀ ବିଡିଓ ବାସୁଦେବ ମାହାରି, ଅତିରିକ୍ତ ତହସିଲଦାର ଦିଲୀପ ଷଡଙ୍ଗୀ, ବନ ବିଭାଗର କର୍ମଚାରୀଙ୍କ ସମେତ ଅନେକ ମହିଳାପୁରୁଷ ଉପସ୍ଥିତ ରହିଥିଲେ। ସେମାନେ ଔଷଧୀୟ ବୃକ୍ଷର ଚାରାରୋପଣ କରିଥିଲେ।

### ମା' ସହ ଦୁଇ ପୁଅ ନିଖୋଜ

**ଖୋର୍ଦ୍ଧା ଅଫିସ,୮।୭:** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ନୂଆଗଡ ପାଟଣା ଗାଁର ମା' ସହ ଦୁଇପୁଅ ଗତ ୨ ତାରିଖରୁ ନିଖୋଜ ଅଛନ୍ତି। ପରିବାର ପକ୍ଷରୁ ଖୋଜାଖୋଜି ପରେ ଟେର ନ ମିଳିବାରୁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ନୂଆଗଡପାଟଣା ଗାଁର ସୁଶାନ୍ତ ପ୍ରଧାନଙ୍କ ପତ୍ନୀ ପୂଜା(୨୪), ପୁଅ ଦିବାକର (୬), ଚିନ୍ମୟ ୨ ବର୍ଷ ୬ ମାସ ନିଖୋଜ ହୋଇଛନ୍ତି। ନିଖୋଜର କାରଣ ମଧ୍ୟ ଜଣାପଡିନି।

■ ଖୋର୍ଦ୍ଧା ଅଞ୍ଚଳରେ ପଥର ଚୋରା ଚାଲାଣ

# ଅଭିଯୁକ୍ତ ନିତୁ ମାନସିଂ ଗିରଫ

**ଭୁବନେଶ୍ୱର, ୮।୭(ବ୍ୟୁରୋ)**



ନିତୁ ମାନସିଂ।

■ ଭାଇ ଜିତୁ ମାନସିଂ ଫେରାର
■ ଏସ୍‌ଟିଏଫ୍ ପ୍ରସ୍ତୁତ କଲା ଖଣି ମାଫିଆଙ୍କ ତାଲିକା
■ ଲେଡି ଗ୍ୟାଙ୍ଗଷ୍ଟରଙ୍କ ଇସାରାରେ ହେଉଛି ପଥର ଚାଲାଣ

ଖୋର୍ଦ୍ଧାରେ ଖଣି ମାଫିଆଙ୍କ ରାଜୁତି ଚାଲିଛି। ସେଠାକାର ପଥର ଖାଦାନଗୁଡ଼ିକ ଉପରେ ସେମାନଙ୍କ ଲୋଲୁପ ନଜର ପଡ଼ିଛି। ରାତାରାତି କୋଟି କୋଟି ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ସେମାନେ ଖଣିରୁ ପଥର ଖୋଳି ଚୋରା ଚାଲାଣ କରୁଛନ୍ତି। ଏ କଥା ସ୍ଥାନୀୟ ପ୍ରଶାସନ ଓ ପୋଲିସ ଜାଣିଥିଲେ ବି ଚୁପ୍ ରହୁଛନ୍ତି। ଅଞ୍ଚଳବାସୀ ମଧ୍ୟ ମୁହଁ ଖୋଲୁନାହାନ୍ତି। କାରଣ ଖଣି ମାଫିଆମାନଙ୍କ ପଛରେ ବଡ ବଡ ଗ୍ୟାଙ୍ଗଷ୍ଟର ଓ ନେତାଙ୍କ ହାତ ରହିଛି। କେହି ବିରୋଧ କଲେ ଡରାଇ ଧମକାଇ ତାଙ୍କ ମୁହଁକୁ ବନ୍ଦ କରି ଦିଆଯାଉଛି। ପ୍ରଶାସନ ଓ ମାଫିଆମାନଙ୍କ ମଧୁଚନ୍ଦ୍ରିକାରେ ଏଭଳି କାରବାର ଚାଲୁଥିବା ଅଭିଯୋଗ ହେଉଛି। ତେବେ ଏହି ଖଣିମାଫିଆଙ୍କୁ ସାବାଡ଼ କରିବା ପାଇଁ ଏବେ ଏସ୍‌ଟିଏଫ୍ ଅଣ୍ଟା ଭିଡ଼ିଛି। ସୋମବାର ଏସ୍‌ଟିଏଫ୍ ଖୋର୍ଦ୍ଧା ବୋଲଗଡ଼ରୁ ବହୁ ଅପରାଧିକ ମାମଲାର ଅଭିଯୁକ୍ତ ନିତୁ ମାନସିଂଙ୍କୁ ଗିରଫ କରିଛି। ତାଙ୍କ ଘର ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ। ତାଙ୍କୁ ଏସଟିଏଫ୍ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯିବା ପରେ ଖୋର୍ଦ୍ଧା ସଦର ଥାନାକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଖୋର୍ଦ୍ଧା ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ନିତୁଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କ ନାମରେ ଗୁଳିମାଡ଼, ବୋମାମାଡ଼ ଭଳି ସଙ୍ଗିନ ଅଭିଯୋଗ ରହିଛି। ତାଙ୍କ ଭାଇ ଜିତୁ ମାନସିଂଙ୍କ ନାମରେ ଅଭିଯୋଗ ଥିଲେ ମଧ୍ୟ ସେ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ୩ଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ଖଣିରେ ସେମାନେ ଶ୍ରମିକଙ୍କ କାର୍ଯ୍ୟ ତଦାରଖ କରୁଥିଲେ। ସେମାନଙ୍କୁ ପଚରାଉଚରା ଓ ତଦନ୍ତ ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି ଏସ୍‌ଟିଏଫ୍। ଖୋର୍ଦ୍ଧା ଅଞ୍ଚଳରେ ଥିବା ଅନେକ ପଥର ଖଣିକୁ ଏକାଧିକ ଗ୍ୟାଙ୍ଗଷ୍ଟର ନିଜ କବ୍‌ଜାରେ ରଖିଛନ୍ତି। ସେମାନଙ୍କ ପଛରେ ଜଣେ ଲେଡି ଗ୍ୟାଙ୍ଗଷ୍ଟରଙ୍କ ହାତ ରହିଛି। ତାଙ୍କ ଇସାରାରେ ପଥର ଚୋରା ଚାଲାଣ କରାଯାଉଛି। ତାଙ୍କୁ ସ୍ଥାନୀୟ ନେତାଙ୍କ ସମର୍ଥନ ମିଳୁଥିବା କୁହାଯାଉଛି। ଏହି ଲେଡି ଗ୍ୟାଙ୍ଗଷ୍ଟର ଜଣକ କିଏ ଏବଂ କେଉଁମାନେ ତାଙ୍କ ସହ ସମ୍ପୃକ୍ତ ସେନେଇ ଏସ୍‌ଟିଏଫ୍ ତଦନ୍ତ ଚଳାଇଛି। ଏଥିସହ ଖଣିମାଫିଆମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଛି। ଗିରଫ ହୋଇଥିବା ନିତୁ ସେହି ଲେଡି ଡନ୍‌ଙ୍କ ଇସାରାରେ କାମ କରୁଥିଲେ ବୋଲି ଜଣାପଡ଼ିଛି। ନିତୁ ଶ୍ରମିକମାନଙ୍କ ଦ୍ୱାରା ରାତିରେ ଖାଦାନରେ ବିସ୍ଫୋରଣ ଘଟାଇବା ପରେ ଜେସିବି ଓ ଟ୍ରକ ଦ୍ୱାରା ପଥର ଚାଲାଣ କରୁଥିଲେ। ଏଥିରୁ ଯେଉଁ ମୋଟା ଅଙ୍କର ଅର୍ଥ ଆସିଥାଏ ସେଥିରୁ ଲେଡି ଡନ୍‌ଙ୍କର କେବଳ ୫୦ ପ୍ରତିଶତ ଏବଂ ଅନ୍ୟମାନଙ୍କର ୫୦ ପ୍ରତିଶତ ଭାଗ ରହେ। ସମ୍ପୃକ୍ତ ଲେଡି ଡନ୍ ତଥା ମାଷ୍ଟରମାଇଣ୍ଡ ଏବଂ ତାଙ୍କ ସହଯୋଗୀମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଜୋରଦାର ଉଦ୍ୟମ ଚଳାଇଥିବା ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର୍ କହିଛନ୍ତି। ତେବେ ଏହି ଲେଡି ଡନ୍‌ଙ୍କ ନିକଟରେ ଏସ୍‌ଟିଏଫ୍ ପହଞ୍ଚି ପାରୁଛି ନା ରାଜନୈତିକ ଚାପରେ ଚେପା ହୋଇ ତଦନ୍ତକୁ ଅଧାରୁ ବନ୍ଦ କରିଦେଉଛି ତାହା ଦେଖିବାକୁ ବାକି ରହିଲା।

## ଜଟଣୀରେ ପଥର ମାଫିଆଙ୍କ ଦୌରାତ୍ମ୍ୟ

### ଅତିରିକ୍ତ ତହସିଲଦାରଙ୍କ ଉପରେ ଟ୍ରକ ଚଢ଼େଇ ଦେବାକୁ ଉଦ୍ୟମ

**ଜଟଣୀ, ୮।୭(ଡ଼ି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅଞ୍ଚଳରେ ପଥର ମାଫିଆଙ୍କ ଦୌରାତ୍ମ୍ୟ ଦିନକୁଦିନ ବଢିବାରେ ଲାଗିଛି। ବେଆଇନ ଭାବେ ସେମାନେ ଟ୍ରକ୍‌ରେ ମାଙ୍କଡା ପଥର ଚାଲାଣ କରୁଛନ୍ତି। ଏଥିରେ ରୋକ ଲଗାଇବାକୁ ଯାଇ ଅତିରିକ୍ତ ତହସିଲଦାର ଦିଲୀପ ଷଡଙ୍ଗୀ ଚଢାଉ କରିଥିଲେ। ହେଲେ ଡ୍ରାଇଭର ତାଙ୍କ ଉପରେ ଟ୍ରକ୍ ଚଢ଼ାଇ ଦେବାକୁ ଉଦ୍ୟମ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ଅପରାହ୍ନ ସାଢ଼େ ୨ଟାରେ ସ୍ଥାନୀୟ ମୁଖ୍ୟରାସ୍ତାରେ ଏହା ଘଟିଥିଲା। ପ୍ରଥମେ ସ୍ଥାନୀୟ ମୁଖ୍ୟ ରାସ୍ତାର ଖୁଦୁପୁର ଛକରେ ଚାଲାଣ ହେଉଥିବା ମାଙ୍କଡା ପଥର ବୋଝେଇ ଟ୍ରକ୍‌କୁ ଧରିବାକୁ ଅତିରିକ୍ତ ତହସିଲଦାର ଷଡଙ୍ଗୀ ଉଦ୍ୟମ କରିଥିଲେ। ହେଲେ ଟ୍ରକ୍‌ଟି ଅଟକିବା ପରିବର୍ତ୍ତେ ଅତିରିକ୍ତ ତହସିଲଦାରଙ୍କ ଆଡ଼କୁ ମାଡ଼ି ଆସିଥିଲା। ସେ ଜୀବନ ବଞ୍ଚାଇବାକୁ ଯାଇ ରାସ୍ତାପାର୍ଶ୍ୱକୁ ଚାଲି ଯାଇଥିଲେ। ଏହି ସମୟରେ ଟ୍ରକଟି ଦ୍ରୁତଗତିରେ ପଳାଇଥିଲା। କିନ୍ତୁ ତହସିଲ ଜିପ୍‌ରେ ଷଡ଼ଙ୍ଗୀ ପଥର ଟ୍ରକକୁ ପିଛା କରି ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ପୂର୍ବପରି ପଥର ଟ୍ରକଟି ପିଛା କରୁଥିବା ତହସିଲ ଜିପ୍ ଉପରେ ବାରମ୍ବାର ଚଢ଼ାଇ ଦେବାକୁ ଉଦ୍ୟମ କରି ଖସିଯିବାରେ ସକ୍ଷମ ହୋଇଥିଲା। ଶେଷରେ ମୁଖ୍ୟ ରାସ୍ତାର ସୀତାରାମ ଛକରେ ଏହି ଟ୍ରକଟିକୁ ଅଟକାଇବାରେ ଅତିରିକ୍ତ ତହସିଲଦାର ଓ ତହସିଲ କର୍ମଚାରୀ ସକ୍ଷମ ହୋଇଥିଲେ। ଉପସ୍ଥିତ ସ୍ଥାନୀୟ କେତେଜଣ ଲୋକଙ୍କ ସହାୟତାରେ ଟ୍ରକ୍ ଡ୍ରାଇଭରଙ୍କୁ କାବୁ କରିଥିଲେ। ପରେ ଟ୍ରକ୍ ସହ ଡ୍ରାଇଭରଙ୍କୁ ଜଟଣୀ ଥାନାରେ ହସ୍ତାନ୍ତର କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ କହିଛନ୍ତି। ପୋଲିସ ଟ୍ରକ୍ ସମେତ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ୩ ବର୍ଷ ପୂର୍ବେ ଜଟଣୀ ତହସିଲର ତତ୍‌କାଳୀନ ତହସିଲଦାର ବିଜୟ ସ୍ୱାଇଁଙ୍କ ଉପରେ ସ୍ଥାନୀୟ ନିରଞ୍ଜନପୁର ମୌଜାରେ କେତେଜଣ ପଥର ମାଫିଆ ଆକ୍ରମଣ କରିଥିଲେ। ଯେଉଁଥିରେ ସ୍ୱାଇଁଙ୍କ ସମେତ ତହସିଲର କେତେଜଣ କର୍ମଚାରୀ ଆହତ ହୋଇଥିଲେ।

## ନିର୍‌ତାର ନିର୍ଦ୍ଦେଶକଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ୍ ଅଧିକାରୀ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

■ ୨ ବାଇକ୍, ୬ ମୋବାଇଲ ଫୋନ ଓ ବନ୍ଧୁକ ଜବତ
■ ଗତ ୩ ତାରିଖରେ ହୋଇଥିଲା ଆକ୍ରମଣ

**କଣ୍ଟାପଡ଼ା,୮।୭(ଡି.ଏନ୍.ଏ.)**

ଓଲଟପୁରସ୍ଥିତ ନିର୍‌ତାର (ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ କେନ୍ଦ୍ର) ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କୁ ଆକ୍ରମଣ ଘଟଣାରେ ସୋମବାର ଓଲଟପୁର ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧର ବେହେରା(୫୬), ନିର୍‌ତାର କ୍ୟାଣ୍ଟିନ ଠିକା କର୍ମଚାରୀ ବ୍ରହ୍ମାନନ୍ଦ ଭୋଇ, କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋର ବସିର ଖାନ୍(୩୨), କଟକ ଲାଲବାଗ ଥାନା ଚାନ୍ଦିନଚୌକ ଅଞ୍ଚଳର ସୟଦ ସଦ୍ଦାମ(୨୮) ଓ ଚୌଦ୍ୱାର ଥାନା ଅନ୍ତର୍ଗତ ନଖରା ଗ୍ରାମର ସୁଶାନ୍ତ ମଲିକ(୩୫)। ପୋଲିସ ଏମାନଙ୍କଠାରୁ ୨ଟି ବାଇକ୍, ୬ଟି ମୋବାଇଲ ଫୋନ, ଗୋଟିଏ ବନ୍ଧୁକ ଓ ୬୦୦୦ଟଙ୍କା ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୩ତାରିଖ ଅପରାହ୍ନ ପ୍ରାୟ ୫ଟା ୩୦ରେ ନିର୍ଦ୍ଦେଶକ ଦାସ ଅଫିସ କାମ ସାରି ଅନୁଷ୍ଠାନ କାର(ଓଡି ୦୨ ଏଜେ ୫୨୫୬)ରେ କଟକ ଫେରୁଥିଲେ। କୁଆଁରପୁର-ଦାମୋଦରପୁର ମଝି ରାସ୍ତାରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ କାରକୁ ପିଛା କରିବା ସହ ଗାଡି ପଛକୁ ଢେଲାମାଡ଼ କରିଥିଲେ। ଢେଲାମାଡ଼ରେ କାର ପଛ କାଚ ଭାଙ୍ଗିଯିବାରୁ ଦୁର୍ବୃତ୍ତମାନେ ଏକ ବନ୍ଧୁକରେ ଡା. ଦାସଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର କାର ଡ୍ରାଇଭର ଗାଡ଼ିକୁ ଦ୍ରୁତଗତିରେ ନେଇ ପଳାଇବାରୁ ଦୁର୍ବୃତ୍ତମାନେ ବନ୍ଧୁକକୁ ନିର୍ଦ୍ଦେଶକଙ୍କ ଉପରକୁ ଫୋପାଡିଥିଲେ। ବନ୍ଧୁକ ତାଙ୍କ ଦେହରେ ନ ବାଜି କାର ପଛ ପଟେ ପଡିଯାଇଥିଲା। ଏହା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଡା. ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୭/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ନିର୍‌ତାର କର୍ମଚାରୀ ଲକ୍ଷ୍ମୀଧରଙ୍କ ଉପରେ ପୋଲିସ ସନ୍ଦେହ କରି ଗତ ଶନିବାର ତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ଏହା ପରେ ଲକ୍ଷ୍ମୀଧର ସବୁ କଥା ପୋଲିସ ଆଗରେ କହିଥିଲେ। କେତେଜଣ ପିଲାଙ୍କୁ ଚାକିରିରେ ରଖାଇ ଦେବା ପାଇଁ ନିର୍ଦ୍ଦେଶକ ଦାସଙ୍କୁ ବିଭିନ୍ନ ସମୟରେ ଲକ୍ଷ୍ମୀଧର କହୁଥିଲେ। ମାତ୍ର ଡା. ଦାସ ଏଥିରେ ଅରାଜି ହୋଇଥିଲେ। ଶେଷରେ ଲକ୍ଷ୍ମୀଧର କ୍ୟାଣ୍ଟିନରେ ଠିକା କାମ କରୁଥିବା ବ୍ରହ୍ମାନନ୍ଦଙ୍କ ସହଯୋଗରେ ସୟଦ, ସୁଶାନ୍ତ ଓ ବସିରଙ୍କୁ ୩୫,୦୦୦ଟଙ୍କା ସୁପାରୀ ଦେଇ ନିର୍ଦ୍ଦେଶକଙ୍କୁ ଏଭଳି ଉପାୟରେ ଧମକ ଦେବାପାଇଁ ଯୋଜନା କରି ସଫଳ ହୋଇଥିଲେ ବୋଲି ଲକ୍ଷ୍ମୀଧର ପୋଲିସ ନିକଟରେ କହିଛି। ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା।

## ସ୍ମୃତିଚାରଣରେ ମାଣିକଗୋଡା ଦଳବେହେରା

**ଖୋର୍ଦ୍ଧା ଅଫିସ, ୮।୭**

ବୋଲଗଡ ବ୍ଲକ ମାଣିକଗୋଡାର ମୁସଲମାନ ଦଳବେହେରା ଶେଖ୍ ହବିବୁର ରହେମାନଙ୍କ ବିୟୋଗରେ ଖୋର୍ଦ୍ଧା ସଂସ୍କାର ଭାରତୀ ପରିସରରେ ସୋମବାର ସ୍ମୃତିଚାରଣ କରାଯାଇଛି । ଖୋର୍ଦ୍ଧାର କଳିଙ୍ଗ ପାଇକ ସଙ୍ଗଠନ ଓ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ସତ୍ୟବାଦୀ ବଳିଆରସିଂହ, ଜନବ ରମଜାନ୍ ଖାଁ, ଶିଶିର କୁମାର ପରିଡା, ହାଜି ନିଜ୍ୟାମୁଦ୍ଦିନ୍ ଖାଁ, ସଂଗ୍ରାମ କେଶରୀ ଜଗଦ୍ଦେବ, ଜ୍ଞାନରଞ୍ଜନ ଦାଶ, ରାମ ଶଙ୍କର, ଅନସୂୟା ସାମନ୍ତରାୟ, ବେଲେଶ୍ୱର ଯୁଝାରସିଂହ ପ୍ରମୁଖ କହିଥିଲେ ମାଣିକାଗୋଡା ଦଶହରା ପର୍ବର ପରମ୍ପରା ଓ ଐତିହ୍ୟ ନିଆରା। ଏଠାର ମୁଖ୍ୟ ଆକର୍ଷଣ ଅପରାଜିତା ହୋମ। ରାଜଗୁରୁ କୁଶବଟୁ ପିନ୍ଧାଇବା ପରେ ମୁସଲମାନ ଦଳବେହେରା କର୍ତ୍ତା ହୋଇ ଘୃତାହୁତି ଦିଅନ୍ତି। ସେହି ଦଳବେହେରା ଶେଖ୍ ହବିବୁର ରହେମାନ ଆଜି ନାହାନ୍ତି। ଗ୍ରାମର ସବୁ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ପର୍ବର ମଜା ଉଠାଇଥାନ୍ତି। କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତଭାଷଣ ଓ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଅନ୍ୟ ଅଧିକାରୀ ।

**ବୋଲଗଡ଼, ୮।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଗୃହର ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏସ୍‌ପି ଅମୂଲ୍ୟ କୁମାର ଦାଶ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମିଶ୍ର, ବୋଲଗଡ଼ ବିଡିଓ ମଧୁସୂଦନ ବେହେରା, ତହସିଲଦାର ମୋନାଲିସା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧୭୬ଟି ବ୍ୟକ୍ତିଗତ, ୧୪ଟି ସାମୁହିକ ଭାବେ ସମୁଦାୟ ୧୯୦ଟି ଅଭିଯୋଗ ଶୁଣାଣି ହୋଇଛି । ୧୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭୬ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୪ଜଣଙ୍କୁ ରେଡ୍‌କ୍ରସ ପକ୍ଷରୁ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସରକାରୀ ଯୋଜନା ଅନ୍ତର୍ଭୁକ୍ତ ସୁବିଧା ଗୁଡ଼ିକ ହିତାଧିକାରୀମାନେ କିପରି ପାଇବେ ସେ ନେଇ ଆଲେଚନା ଓ ଶୁଣାଣି ହୋଇଥିଲା। ତେବେ ଶୁଣାଣି ଶିବିର ଉପର ମହଲାରେ ହୋଇଥିବାରୁ ଭିନ୍ନକ୍ଷମମାନେ ସଭାରେ ଯୋଗଦେବାକୁ ସମସ୍ୟା ସୃଷ୍ଟି ହୋଇଥିଲା।

## ମାରପିଟ୍ ଘଟଣାରେ ୩ ଆହତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ, ୮।୭**

ବାଣପୁର ଥାନା ଘାସେଡିହ ମୋହନପୁର ଗାଁରେ ପୂର୍ବ ଶତ୍ରୁତାକୁ ନେଇ ମାରପିଟ ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଲକ୍ଷ୍ମୀଧର ଜେନାକୁ ଗିରଫ କରି ଘଟଣାର ତଦନ୍ତ କରୁଛି। ଘାସେଡିହ ମୋହନପୁର ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କ ପରିବାର ସହ ଉପେନ୍ଦ୍ର ସ୍ୱାଇଁଙ୍କ ବହୁଦିନ ହେବ ବିବାଦ ଲାଗି ରହିଛି। ରବିବାର ରାତିରେ କୌଣସି ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ କଥା କଟାକଟି, ବଚସା ହୋଇ ମାରପିଟ ହୋଇଥିଲା । ଏଥିରେ ରମଚନ୍ଦ୍ରଙ୍କ ସମେତ, ପତ୍ନୀ ରେଖା ଓ ସାନ ଭାଇ ଭରତ ଆହତ ହୋଇଥିଲେ । ଏ ନେଇ ଭରତ ପ୍ରଧାନଙ୍କ ପତ୍ନୀ ଝୁନୁ ସୋମବାର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ନଂ. ୧୯୮/୧୯ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା ।

## ସାମୂହିକ ବ୍ରତୋପନୟନ

**ଖୋର୍ଦ୍ଧା ଅଫିସ, ୮।୭**

ଖୋର୍ଦ୍ଧା ଜିଲା ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ଖୋର୍ଦ୍ଧା ସହରର ଗୀତା ଭବନ ପରିସରରେ ସାମୁହିକ ବ୍ରତୋପନୟନ ସୋମବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୫ଟି ବ୍ରତୋପନୟନ ହୋଇଥିଲା । ୧୦ଜଣ ବ୍ରାହ୍ମଣ ଯୋଗ ଦେଇ ବ୍ରତୋପନୟନ କରିଥିଲେ ।

## ବଧୂହତ୍ୟା ଘଟଣା: ଅଭିଯୁକ୍ତଙ୍କୁ ଗିରଫ ଦାବି

**କୃଷ୍ଣପ୍ରସାଦ, ୮।୭(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳ ଗାଁରେ ଚଳିତ ମାସ ୧ ତାରିଖରେ ଅଧିକ ଯୌତୁକ ଦାବି କରି ଜଣେ ନବ ବଧୂ ମାମାଲି ପ୍ରଧାନଙ୍କୁ ଶ୍ୱଶୁର ଘର ପକ୍ଷରୁ ହତ୍ୟା କରାଯାଇଥିବା କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଥିଲା । ମୃତବୋହୂଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀଙ୍କ ନାମରେ ବାପଘର ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ ଓ ଯୌତୁକ ସାମଗ୍ରୀ ଫେରସ୍ତ କରିବା ନେଇ କୃଷ୍ଣପ୍ରସାଦ ଥାନାରେ ଧାରଣା ଦିଆଯାଇଛି। ମାମାଲିଙ୍କ ବାପଘର ଗ୍ରାମ ମୋରଡା ନୂଆଗାଁର ଶତାଧିକ ମହିଳା, ପୁରୁଷ ଥାନା ଆଗରେ ଧାରଣାରେ ବସିଛନ୍ତି । ମୃତ ମାମାଲିଙ୍କ ଦାଦା ଷଠିଆ ପ୍ରଧାନ ଓ ମା' ସରୋଜିନୀ କହିଛନ୍ତି ଯେ, ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଆମେ ଧାରଣାରୁ ଉଠିବୁ ନାହିଁ। ଧାରଣାରତ ସମ୍ପର୍କୀୟ ଓ ଗ୍ରାମବାସୀ କୁଆଡ଼େ ନ ଯାଇ ଏଠାରେ ରୋଷେଇ କରି ଖାଉଥିବା ଜଣାପଡ଼ିଛି। ତେବେ ଧାରଣା ସ୍ଥଳକୁ ପୋଲିସ ପହଞ୍ଚି ନ ଥିବା ବେଳେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଏ ନେଇ ଅଭିଯୋଗ କରାଯାଇଥିବା ସୂଚନା ମିଳିଛି।

■ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାର୍ଯ୍ୟ ନିମ୍ନମାନର ଅଭିଯୋଗ

## ଅବଧି ଶେଷ: ସରୁନି ବ୍ରିଜ ନିର୍ମାଣ କାମ, ଲୋକେ ହନ୍ତସନ୍ତ

**ବେଗୁନିଆ, ୮।୭ (ଡି.ଏନ୍.ଏ.)**



ବ୍ରିଜ୍ ଉପରେ ନିର୍ମାଣ କାମ ଅଧା ପନ୍ତରିଆ ପଡ଼ିରହିଛି।

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ମାଣିବନ୍ଧଠାରୁ ବେଗୁନିଆ ବର୍ଡର ଦୈର୍ଘ୍ୟ ୨ କିମି ୫୪୦ ମିଟର ମାଟି ରାସ୍ତା ପାଇଁ ୨୦୧୮ ମେ' ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମ ପାଇଁ ୧୦୬ . ୮୩ ଲକ୍ଷ ବ୍ୟୟ ବରାଦ କରାଯାଇଥିଲା। ମାତ୍ର କାମ ଆରମ୍ଭରୁ ଠିକ୍ ଭାବେ ମୋରମ ଓ ବାଲି ବିଛା କି ପାଣି ସିଞ୍ଚନ କରାଯାଇ ରୋଲର ଚଢା ଗଲାନାହିଁ। ଫଳରେ ବେସ୍ ଠିକ୍ ନ ହୋଇ ମଧ୍ୟ ବିଲ୍ ପାଶ କରି ଦିଆଯାଇଛି। ପରେ ରାସ୍ତା ମଧ୍ୟରେ ଥିବା ୨ଟି ବ୍ରିଜ୍ ନିର୍ମାଣ କାମ ଅଧାପନ୍ତରିଆ ଭାବେ ରହିଛି। ପିଲର ଏବଂ ବେସ ଢଳେଇ କାମ ସମ୍ପୂର୍ଣ୍ଣ ନିମ୍ନମାନର ହେଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। କୌଣସି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କାମର ତଦାରଖ କରାଯାଉନାହିଁ। ଏ ନେଇ ସୋମବାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବିଭାଗୀୟ ସଚିବ ଏବଂ ଜିଲାପାଳଙ୍କ ପାଖରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଏସ୍‌ଡିଓ ଅନିଲ ସେଠୀଙ୍କୁ ପଚାରିବାରେ ମୁଁ ବ୍ୟସ୍ତ ଅଛି କହି ଫୋନକୁ କାଟି ଦେଇଥିଲେ। ଠିକାଦାରଙ୍କୁ ଫୋନ କରିବାରେ ତାଙ୍କ ମୋବାଇଲ ସୁଇଚ ଅଫ ଦେଖାଇଥିଲା। ହେଲେ କାମ ତଦାରଖ କରୁଥିବା ସୁପରଭାଇଜରଙ୍କୁ ପଚାରିବାରେ କାମ ଯଦି ଠିକ୍ ଭାବେ ହେଉନାହିଁ ତେବେ ବିଭାଗୀୟ ଅଧିକାରୀମାନେ କିଭଳି ଭାବେ ବିଲ୍ ମଞ୍ଜୁର କରୁଛନ୍ତି ବୋଲି ସେ ପାଲଟା ଉତ୍ତର ରଖିଥିଲେ।

କନ୍ହେଇପୁରରେ ଗୋଷ୍ଠୀ କନ୍ଦଳ

## ବୋମାମାଡ଼ରେ ୧୧ ଆହତ

**କୃଷ୍ଣପ୍ରସାଦ, ୮।୭(ଡି.ଏନ୍.ଏ.)**



ଆହତ ଯୁବକ ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କନ୍ହେଇପୁର ଗାଁରେ ୨ ପକ୍ଷରୁ ଗୋଷ୍ଠୀ କନ୍ଦଳ ସୋମବାର ଉଗ୍ରରୂପ ଧାରଣ କରି ଗଣ୍ଡଗୋଳ ଘଟିଛି । ଫଳରେ ଉଭୟ ଗୋଷ୍ଠୀ ଲୋକେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ କୃଷ୍ଣପ୍ରସାଦ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନା ଆଇଆଇସି ପୁରୀ ରଥଯାତ୍ରା ଦାୟିତ୍ୱରେ ରହିଥିବା ଯୋଗୁ ଦାୟିତ୍ୱରେ ଥିବା ପୋଲିସ ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ, ରବିବାର ତଲାରିହୁଡା, ଚିଲିକାରେ ୫୨ ପରିବାରକୁ ନେଇ ଏକ ଗୋଷ୍ଠୀ ମାଛ ଧରିବା ଓ ଚାଷ କରିବା ନିମନ୍ତେ କିଛି ଜମି ଜବରଦଖଲ କରୁଥିବା ନେଇ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ୩୫ ପରିବାରକୁ ନେଇ ଗଠିତ ଅନ୍ୟ ଏକ ଗୋଷ୍ଠୀ ବିପକ୍ଷ ଗୋଷ୍ଠୀର କାର୍ଯ୍ୟକଳାପକୁ ଦୃଢ଼ ବିରୋଧ କରିବା ଫଳରେ ଗଣ୍ଡଗୋଳ, ମାରପିଟ ହୋଇଥିଲା। ଏଥିରେ ସୁଦର୍ଶନ ଦଳେଇ, ନଟବର ଦାସ ଆହତ ହୋଇଥିଲେ । ରାତିସାରା ଉତ୍ତେଜନା ଲାଗି ରହିଥିଲା । ତେବେ ଘଟଣା ଦିନ ସକାଳେ ଜଣେ ମହିଳାଙ୍କୁ ପାଣି ନେବାକୁ ମନା କରିବା ଓ ଜଣେ ଯୁବକ ତାଙ୍କ ହାତରୁ ଗରା ଛଡ଼ାଇ ନେଇ ଫିଙ୍ଗି ଦେବା ଘଟଣା ପରେ ପୁଣି ଗଣ୍ଡଗୋଳ ଘଟିଥିବା ଲକ୍ଷ୍ମୀଧର ନାୟକ କହିଛନ୍ତି। ତେବେ ଅନ୍ୟ ଗୋଷ୍ଠୀ ପକ୍ଷରୁ ଅଭିମନ୍ୟୁ ଦଳେଇ କହିଛନ୍ତି ଯେ, ସେମାନେ ଜମିରୁ ଫେରିବାବେଳେ ରାସ୍ତାରେ ଅଟକାଇ ତାଙ୍କୁ ବିରୋଧୀ ଗୋଷ୍ଠୀର ଲୋକେ ମାର୍‌ପିଟ୍ କରିଥିଲେ । ଫଳରେ ବିବାଦ ଉଗ୍ର ରୂପ ଧାରଣ କରିଥିଲା। ଉଭୟ ପକ୍ଷରୁ ପ୍ରାୟ ୨ ଘଣ୍ଟା ଧରି ବୋମାମାଡ଼ ହୋଇଥିଲା । ଗଣ୍ଡଗୋଳରେ ଆହତ ହୋଇଥିବା ଅନିଲ ଦଳେଇ, ଶଙ୍କର ନାୟକ, ପ୍ରଦୀପ ଦାସ, ସୁଦର୍ଶନ ଦଳେଇ, ନଟବର ଦାସ, ମୁରଲୀ ପ୍ରଧାନ, ସତ୍ୟଭାମା ପ୍ରଧାନ, ଭାରତୀ ଦଳେଇ, ବିଶ୍ୱଜିତ ଦଳେଇ, ଅନସୂୟା ପ୍ରଧାନ, ଶିଶିର ଦଳେଇ ପ୍ରମୁଖ ୧୧ ଜଣଙ୍କୁ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ରହ୍ମପୁର ଓ ଛତ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଘର ଉପରେ ବୋମା ମାଡ଼ କରିବା ଦ୍ୱାରା ୩୫(ପରିବାର)ଗୋଷ୍ଠୀର ବୁଲୁମହାନ୍ତି, ମଙ୍ଗୁଳି ତରାଇ, କୁବେର ପ୍ରଧାନ, ସନ୍ୟାସୀ ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ ଏବଂ ଅପରପକ୍ଷ (୫୨ ପରିବାର)ର ସନ୍ୟାସୀ ଦଳେଇ, ଜଗନ୍ନାଥ ଦଳେଇ, ଅଶୋକ ପ୍ରଧାନଙ୍କ ଛାତର ଆଜବେଷ୍ଟସ ଭାଙ୍ଗିଯାଇଛି । ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ କୃଷ୍ଣପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଏହାବ୍ୟତୀତ ରାତିରେ ଘର କବାଟ ଭାଙ୍ଗି ୫ଭରି ସୁନା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ବାକ୍ସକୁ କେହି ଚୋରି କରି ନେଇଥିବା ଘର ମାଲିକ ମଙ୍ଗୁଲୁ ତରେଇ ଥାନାରେ ଅଭିଯୋଗ କରିଛନ୍ତି।

### ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

